





# ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ଘଟଣାର ପର୍ଦ୍ଦାଫାଶ ହେବ: ଗୌତମ

## ଭାଜପାର ବିଜୟ ସଂକଳ୍ପ ସମାବେଶ

ଯାଜପୁର/ପାଣିକୋଇଲି (ହର୍ଷବର୍ଦ୍ଧନ ବେହେରା/ ବିକାଶ ମଲ୍ଲିକ),୨୮।୫ :




ପାଣିକୋଇଲିଠାରେ ଭାଜପା ପକ୍ଷରୁ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ଅନ୍ୟମାନେ ।

ଯାଜପୁର ଜିଲା ପାଣିକୋଇଲିଠାରେ ଭାଜପା ପକ୍ଷରୁ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପହଞ୍ଚିବା ପୂର୍ବରୁ ସ୍ଥାନୀୟ ନେତୃବର୍ଗଙ୍କ ଉଦ୍‌ବୋଧନ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଓଡ଼ିଶାରେ ଭାଜପା ସରକାର ଆସିଲେ ପାରାଦୀପ ବନ୍ଦର ନିକଟରେ ବ୍ଲାକ୍‌ରୋଜ ଜାହାଜ ବୁଡ଼ି ଘଟଣାର ପର୍ଦ୍ଦାଫାଶ ହେବ ଏବଂ ଏଥିରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ମୋଦି ସରକାର ଜେଲରେ ଭର୍ତ୍ତି କରିବେ ବୋଲି ଜିଲା ଭାଜପା ସଭାପତି ଗୌତମ ରାୟ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଏହାସହ ସେ ଆହୁରି କହିଥିଲେ ଖଣି ଖାଦାନ ଭରା ଜିଲାରେ ନଗଡ଼ା ଗ୍ରାମ ବିଜେଡି ସରକାରର ୨୫ ବର୍ଷ ଶାସନର ଏକ ଉଦାହରଣ । ନବୀନ ସରକାର ଯେଉଁ ମହିଳା ସଶକ୍ତୀକରଣ ନାମରେ ଏସ୍‌ଏଚ୍‌ଜି ଗ୍ରୁପର ମହିଳାମାନଙ୍କୁ ଧରି ଶାସନ ଗାଦିରେ ବସି ଆସିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସରକାରଙ୍କ ତାହା ପରିକଳ୍ପନା ଥିଲା। ଏଥି ସହିତ ଯେଉଁ ସରକାର ମହିଳା ସଶକ୍ତୀକରଣ ନାମରେ ଡିଣ୍ଡିମ ପିଟୁଛି ସେ ସରକାର ମହିଳା ବର୍ଗଙ୍କୁ ନ୍ୟାୟ ଦେଇପାରିଲାନାହିଁ। ନିଜର କଳା ସାମ୍ରାଜ୍ୟର କାୟା ବିସ୍ତାର କରିବା ଲାଗି ସେ ପୋଲିସ ଓ ପ୍ରଶାସନକୁ ହାତବାରିସି କରି ରାଜ୍ୟବାସୀଙ୍କ ଉପରେ ଜୁଲମ ଚଳାଇଛି ବୋଲି କହିଥିଲେ।

ଉକ୍ତ ସଭାରେ ବିଧାୟକ ପ୍ରାର୍ଥୀ ଆକାଶ ଦାସ ନାୟକ ବିଦେଶୀ ଲୁଟେରାଙ୍କ କଳା ଟଙ୍କା ସହିତ ସ୍ୱାଭମାନୀ କୋରେଇବାସୀଙ୍କ ମଧ୍ୟରେ ଲଢେଇ ହେଉଛି ବୋଲି କହିବା ସହ କୋରେଇବାସୀ ଖଟ ମୁଣ୍ଡାଇବେ ନାହିଁ ବରଂ ମୁଣ୍ଡ ଖଟାଇବେ ବୋଲି କହିଥିଲେ। କୋରାଇରେ କ'ଣ କେହି ବିଜେଡିରୁ ଯୋଗ୍ୟପ୍ରାର୍ଥୀ ନାହାନ୍ତି, ତେବେ କ'ଣ ପାଇଁ 'କା' ପ୍ରାର୍ଥୀ ଦିଆଗଲା ବୋଲି ସେ ପ୍ରଶ୍ନ ପଚାରିଥିଲେ। କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି ଆକାଶ ଦାସ ନାୟକଙ୍କୁ ପୁତ୍ର ସମ୍ବୋଧନ କରିବା ସହିତ ମୋତେ ଯେପରି ଆପଣମାନେ ବହୁ ସଂଖ୍ୟାରେ ଭୋଟ ଦେଇ ଜିତାଇଥିଲେ ସେହିପରି ମୋ ପୁଅକୁ ମୋ ଠାରୁ ଅଧିକ ଭୋଟ ଦେଇ ଜିତେଇବା ଲାଗି ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ। ଏଥି ସହିତ ଭାଜପା ସରକାର ଆସିଲେ ଓଡ଼ିଶାରେ ଏକ ନୂତନ ଯୁଗର ଆରମ୍ଭ ହେବା ସହିତ ଲୁଟତରାଜ ସମାପ୍ତ ହୋଇଯିବ ବୋଲି କହିଥିଲେ।

ଭାଜପାର ଜିଲା ଯୁବ ମୋର୍ଚ୍ଚାର ସଭାପତି ସୁରଜ ଲାଲ ସାମଲ ଯୋଗଦେଇ କୁସୁମା ପୋଖରୀ ପୁନରୁଦ୍ଧାର ନାମରେ ଯାଜପୁର ବିଧାୟକ ୧୩୦୦ କୋଟି ଟଙ୍କା ପୋତି ପକେଇଛନ୍ତି, ଯାହାକି ଓଡ଼ିଶାବାସୀଙ୍କ ଟଙ୍କା ଓ ତାହା କେଉଁ ସ୍ୱାର୍ଥରେ ଆସୁଛି ବୋଲି ପଚାରିଥିଲେ। ଏତଦ୍ ବ୍ୟତୀତ ଜିଲା ଖଣିଜ ପାଣ୍ଠିରୁ ୪ ହଜାର କୋଟି ଟଙ୍କା ଗଲା କୁଆଡ଼େ ବୋଲି ସେ ପ୍ରଶ୍ନ କରିଥିଲେ। କୋରେଇର ଭାଜପା ଯୁବନେତା ପ୍ରୀତିରଞ୍ଜନ ସାହୁ ଯୋଗଦେଇ ମହାଭାରତରେ କୌରବମାନେ ସଂଖ୍ୟାରେ ଶହେ ଥିବା ବେଳେ ପାଣ୍ଡବମାନେ ମାତ୍ର ୫ ଜଣ ଥିଲେ । କିନ୍ତୁ ଧର୍ମ ପଥରେ ଥିଲେ ବୋଲି ସେମାନେ ଜିତିଲେ । କୋରେଇ ଭୋଟର ହେଉଛନ୍ତି ସୁଦର୍ଶନ ଚକ୍ର ଓ ସେମାନେ ଅନ୍ୟାୟ ତଥା ମାଟି ମାଆ ଲାଗି ଜୀବନ ଦେଇଦେବେ ବୋଲି କହିଥିଲେ। ଉକ୍ତ ସଭାରେ ରାଜ୍ୟ ପ୍ରଭାରୀ ତଥା ଉତ୍ତର ପ୍ରଦେଶର ନବ ନିର୍ବାଚିତ ସାଂସଦ ବିଜୟ ପାଲ ସିଂ ତୋମାର, ସିପ୍ରା ବାଜପେୟୀ, ଯାଜପୁର ଲୋକ ସଭା ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରା, ବରିଷ୍ଠ ଭାଜପା ନେତା ପିନାକୀ ରଞ୍ଜନ ଦାସ, ପ୍ରହ୍ଲାଦ ପଣ୍ଡା, ସତ୍ୟ ନାରାୟଣ ମହାନ୍ତି, ଦୀପ୍ତିମୟୀ କୁଅଁର, ଜୟନ୍ତୀ ସାହୁ, ରଞ୍ଜିତ ବଡ଼ଜେନା, ଇତିଶ୍ରୀ ଜେନା, ଅଚ୍ୟୁତାନନ୍ଦ ଦାସ, ଶେଖ ଜହର ଅଲ୍ଲୀ, ସୀତାକାନ୍ତ କୁଅଁର, ରାକେଶ ଜେନା, ନିରଞ୍ଜନ କବି, ସତ୍ୟନାରାୟଣ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡା, ସୌମେନ୍ଦ୍ର ରାଉତ, କଳ୍ପତରୁ ମହାପାତ୍ର, ଶଶିଭୂଷଣ ସାହୁ, ସୁଦୀପ୍ତ ସାହୁ, ଅଶୋକ ବାରିକ, ସୁବ୍ରତ ସେଠୀ, ବିଜୟ ମହାପାତ୍ରଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ। ବରିଷ୍ଠ ନେତା ପ୍ରସନ୍ନ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ଶେଷରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସି ଏହି ସଭାରେ ସାମିଲ ହୋଇଥିଲେ।

# ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଯାଜପୁର ଟାଉନ,୨୮।୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଚଳିତ ମାଟ୍ରିକ୍ ପରୀକ୍ଷାରେ ଯାଜପୁର ଜିଲାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯାଜପୁର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଛାତ୍ରୀଙ୍କ ମା'ଙ୍କ ସହ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟ ସହଯୋଗୀ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏଡିଇଓ ରାଜେଶ କୁମାର ସ୍ୱାଇଁ, ଅଜୟ କୁମାର ପାତ୍ର ଓ ଡିଏସଏସ କୁମାର ସେନ୍ ସେନାପତି ଉପସ୍ଥିତ ରହି ଛାତ୍ରୀଙ୍କୁ ଶୁଭେଚ୍ଛା ଓ ଶୁଭକମାନ ଜଣାଇଥିଲେ। ଯାଜପୁର ଜିଲାରେ ପ୍ରିୟଙ୍କା ୫୬୫ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ହିଙ୍ଗୁଳା ସରକାରୀ ହାଇସ୍କୁଲର ମୃତ୍ୟୁଞ୍ଜୟ ସାହୁ ୫୬୩ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ବଡ଼ଚଣା ବ୍ଲକ୍ ଖଡିଅଙ୍ଗ ସରକାରୀ ହାଇସ୍କୁଲର ସଂସିତା ମହାନ୍ତି ୫୫୬ ନଂ. ରଖି ତୃତୀୟ ସ୍ଥାନ ଅଧିକାର କରି ଯାଜପୁରର ଗୌରବ ବଢ଼ାଇଛନ୍ତି। ଯାଜପୁର ଜିଲାରେ ମୋଟ୍ ୬୧ଜଣ ଛାତ୍ରୀଛାତ୍ର ଏ-୧ ପାଇଥିବାବେଳେ ପାସ୍ ହାର ୯୫.୯୨% ଅଛି। ଜିଲା ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ଯାଜପୁର ଜିଲାରେ ସର୍ବାଧିକ ନମ୍ବର ରଖିଥିବା ଦଶମ ଶ୍ରେଣୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ନଗଡ଼ାରେ ମଇଁଷିକୁ ବାଘ ମାରି ଖାଇଥିବା ଅଭିଯୋଗ

## ଆତଙ୍କିତ ଅଞ୍ଚଳବାସୀ

କାଳିଆପାଣି,୨୮।୫(ଅସିତ ମହାନ୍ତ):

ଯାଜପୁର ଜିଲାର ନଗଡ଼ା ଅଞ୍ଚଳରେ ଏକ ମଇଁଷିକୁ ବାଘ ମାରି ଖାଇଥିବା ଅଭିଯୋଗ ହୋଇଛି। ନଗଡ଼ା ଅଞ୍ଚଳର ନାଳିଆଡ଼ାବା ଗାଁରେ ସୁକ ମହାକୁଡ଼ ମଇଁଷି ରଖିଛନ୍ତି। ସେ ପ୍ରତିଦିନ ଜଙ୍ଗଲକୁ ମଇଁଷି ପଲ ଛାଡ଼ିଥାନ୍ତି। ୩ଦିନ ପୂର୍ବରୁ ଏକ ମଇଁଷି ରକ୍ତ ଜୁଡୁବୁଡୁ ହୋଇ ଆସିଥିଲା। ଏହାଦେଖି ତାକୁ ବାଘ ଆକ୍ରମଣ କରିଥିବା ସୁକ ଜାଣି ପାରିଥିଲେ। ସେହିପରି କିଛି ଦିନ ପୂର୍ବରୁ ତାଙ୍କର ୨ ମଇଁଷି ଜଙ୍ଗଲକୁ ଚରିବାକୁ ଯାଇ ଫେରିନାହାନ୍ତି। ମଙ୍ଗଳବାର ଖୋଜାଖୋଜି କରିବାରୁ ନଗଡ଼ାଠାରୁ ୪ କି.ମି. ଦୂର କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ କେନ୍ଦୁଆ ଗାଁ ନିକଟ ଜଙ୍ଗଲରେ ଏକ ମଇଁଷି କଙ୍କାଳ ପଡ଼ିଥିବା ସେ ଠାବ କରିଛନ୍ତି। ତେଣୁ ବାଘ ତାଙ୍କ ମଇଁଷିକୁ ମାରି ଖାଇ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କିଛି ଦିନ ପୂର୍ବରୁ ନଗଡ଼ା ଜଙ୍ଗଲରେ ବାଘ ରହୁଥିବା ବନ ବିଭାଗ ସ୍ପଷ୍ଟ କରିଥିଲା। ଏହି ଘଟଣାପରେ ନଗଡ଼ା ଅଞ୍ଚଳ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ହେଲେ ଏନେଇ ବନ ବିଭାଗଠାରୁ କୌଣସି ସୂଚନା ମିଳି ପାରିନାହିଁ।


ଠାବ ହୋଇଥିବା ମଇଁଷି କଙ୍କାଳ।

# ପୋଷ୍ଟର ମରାକୁ ନେଇ ମାରପିଟ ଘଟଣାରେ ୨ ଗିରଫ

ଧର୍ମଶାଳା,୨୮।୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅଧୀନ ପାଖର ପଞ୍ଚାୟତର ପାଖର ଗ୍ରାମରେ ସୋମବାର ପୋଷ୍ଟର ମରାକୁ କେନ୍ଦ୍ରକରି ଘଟିଥିବା ମାରପିଟ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗ୍ରାମର ପରେଶ ପରିଡ଼ା(୪୨) ଓ ପ୍ରଭଞ୍ଜନ ମହାନ୍ତି (୪୯)।

ଅଭିଯୋଗ ମୁତାବକ, ପାଖର ଗ୍ରାମର ରମେଶ ଖିଲାର ଗାଁରେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ପୋଷ୍ଟର ମାରୁଥିଲେ। ଏହି ସମୟରେ ବିଜେଡିର କେତେଜଣ କର୍ମୀ ସେଠାରେ ପହଞ୍ଚି ତାଙ୍କୁ ବିରୋଧ କରିଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଓ ପରେ ମାରପିଟ ହୋଇଥିଲା। ଏଥିରେ ରମେଶ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ରମେଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୭୧୨।୨୪ରେ ଏକ ମାମଲା ରୁଜୁକରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

ଧର୍ମଶାଳା,୨୮।୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବିଜେଡିର ଏକ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ବଡ଼କାଏମା, ରାଇଛନ୍ଦା ଏବଂ କଲଣ ପଞ୍ଚାୟତର ବହୁ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ବିଧାୟକ ପ୍ରାର୍ଥୀ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଇଛନ୍ଦା ପଞ୍ଚାୟତର ଚନ୍ଦ୍ରମଣି ସାହୁ, ଚାନ୍ଦ ମଲିକ, ଦୀପକ ମଲିକ, କାବୁଲା ମଲିକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ସେହିପରି ବଡ଼କାଏମା ପଞ୍ଚାୟତର କାଳନ୍ଦୀ ମଲିକ, ଦିଲୀପ ମଲିକ, ସତ୍ୟ ମଲିକ, ରାକେଶ ମଲିକ, ସତ୍ୟଜିତ୍ ମଲିକଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କର୍ମୀ ଏବଂ ରାଧାନଗର ଗ୍ରାମର ରବୀନ୍ଦ୍ର ସାମଲ, ଶ୍ରୀଧର ସାହୁ, ଅଜିତ୍ ସାହୁ, ମାନସ ବେହେରା, ପ୍ରକାଶ କୁମାର ନାୟକ ଓ ମିଳନ ନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ସେହିପରି କଲଣ ପଞ୍ଚାୟତ ଶୁଳିଆ ଗ୍ରାମର ତ୍ରିନାଥ ମଲିକ, କାହ୍ନା ପଣ୍ଡା, ମୁନା ମଲିକ, ଶୁଭମ ପ୍ରଧାନ, ଦୀନବନ୍ଧୁ ସାହୁ, ସନ୍ତୋଷ ଦାସ, ଅମରେଶ ଶତପଥୀଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ମିଶ୍ରଣ ପର୍ବ କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ଓ ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



ବିଜେଡିରେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରାଯାଉଛି ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମବରଦା,୨୮।୫(ଯଯାତି କେଶରୀ ବେହେରା):

ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବ୍ରହ୍ମବରଦା ଥାନା ମଙ୍ଗଳପୁର ପଞ୍ଚାୟତ ନନ୍ଦସାହି ଗ୍ରାମର ସୂର୍ଯ୍ୟମଣି ନନ୍ଦଙ୍କ ବଡ଼ପୁଅ ଦୀପ୍ତିକାନ୍ତ ଓରଫ୍ ଗଙ୍ଗାଧର(୩୮)। ମଙ୍ଗଳବାର ସକାଳେ ଗଙ୍ଗାଧର ଗାଧୋଇବା ପାଇଁ ପାଣି ମୋଟରକୁ ବିଦ୍ୟୁତ୍ ସଂଯୋଗ କରୁଥିବା ସମୟରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଗଙ୍ଗାଧରଙ୍କ ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ.୨/୨୪ ରୁଜୁ ହୋଇଥିବା ଏଏସଆଇ ଲକ୍ଷ୍ମୀଧର ରାଜ ସୂଚନା ଦେଇଛନ୍ତି।

# ପୌର ପରିଷଦ ପକ୍ଷରୁ ଡ୍ରେନ୍ ସଫେଇ

ଯାଜପୁରରୋଡ୍,୨୮।୫ (ପବିତ୍ର ରଞ୍ଜନ ମହାନ୍ତି):

ପାଣିପାଗ ବିଭାଗ ସୂତ୍ରରୁ ଆସନ୍ନ ମୌସୁମୀ ବାୟୁ ଶୀଘ୍ର ଓଡ଼ିଶା ପ୍ରବେଶ କରିବ ବୋଲି ସୂଚନା ରହିଛି। ଏହାକୁ ଆଖିଆଗରେ ରଖି ବ୍ୟାସନଗର ପୌର ପରିଷଦ ପକ୍ଷରୁ ସମଗ୍ର ସହରରେ ଥିବା ଡ୍ରେନଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଆବଶ୍ୟକ ମୁତାବକ ଡ୍ରେନ ସହରରେ ନାହିଁ। ଯେଉଁ ଡ୍ରେନ୍‌ଗୁଡ଼ିକ ଅଛି ତା' ମଧ୍ୟରୁ ଅନେକ ଭାଙ୍ଗି ଯିବା ସହ ପୋତି ହୋଇପଡ଼ିଛି। ବିଗତ ବର୍ଷଗୁଡ଼ିକରେ ପୌର ପରିଷଦ ପକ୍ଷରୁ ବର୍ଷା ଋତୁ ପୂର୍ବରୁ ଡ୍ରେନଗୁଡ଼ିକ ସଫେଇ ଓ ମରାମତି କାର୍ଯ୍ୟ ନ କରାଯିବା ଫଳରେ ପ୍ରତି ବର୍ଷ ବର୍ଷା ଦିନେ ଡ୍ରେନଗୁଡ଼ିକରେ ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଥାଏ। ଫଳରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଲହଡି ମରିଥାଏ। ଡ୍ରେନ ପାଣି ୱାର୍ଡଗୁଡ଼ିକରେ ପସି ରହି ଜନଜୀବନ ବ୍ୟାହତ ହବୁଥିବା ନଜିର ରହିଛି। ପୌର ପରିଷଦ ବୈଠକରେ ଏସମ୍ପର୍କରେ ବାରମ୍ବାର ଆଲୋଚନା ହେବା ପରେ ପୌର କର୍ତ୍ତୃପକ୍ଷ ଏହି ସମସ୍ୟା ଉପରେ ଗୁରତ୍ୱ ଦେଇଛନ୍ତି। ବର୍ଷା ଋତୁ ପୂର୍ବରୁ ଡ୍ରେନଗୁଡ଼ିକର ସଫେଇ ଓ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର କହିଛନ୍ତି।


ଡ୍ରେନ୍ ସଫେଇ କରାଯାଉଛି ।







# ମାଇକ୍ ଭଳି ତାମିଲନାଡୁରୁ ନେତା ଭଡ଼ାରେ ଆସିଛନ୍ତି: ଧର୍ମେନ୍ଦ୍ର

ଜଗତ୍‌ସିଂହପୁର,୨୮।୫ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ମା' ଶାରଳାଙ୍କ କ୍ଷେତ୍ର। ବୀର ମାଟି। ଓଡ଼ିଆ ଅସ୍ମିତା କଥା ଆସିଲେ ଜଗତ୍‌ସିଂହପୁର ଜିଲା କଥା ମନେପଡ଼େ। ଏ ଜିଲାରେ ପ୍ରାଚୁର୍ଯ୍ୟ ଭରି ରହିଛି। ନୌ ବାଣିଜ୍ୟର ପରମ୍ପରା ଜଗତ୍‌ସିଂହପୁର ଜିଲାରୁ ଆରମ୍ଭ ହୋଇଥିଲା। ଓଡ଼ିଶାକୁ ବୈଭବ ସମ୍ପନ୍ନତା ଆଣିଥିବା ଜାଗା ହେଉଛି ଏ ଅଞ୍ଚଳ। ମୋଟାମୋଟି କହିବାକୁ ଗଲେ ଉପକୂଳ ଅଞ୍ଚଳର ମହତ୍ତ୍ୱପୂର୍ଣ୍ଣ ଜିଲା କହିଲେ ଜଗତ୍‌ସିଂହପୁରକୁ ବୁଝାଏ। କିନ୍ତୁ ଏ ଜିଲାରେ ଏବେ ବି ପିଇବା ପାଣି ସମସ୍ୟା ଲାଗିରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କ ପିଇବା ପାଣି ସମସ୍ୟା ଦୂର ପାଇଁ ୧୦ ହଜାର କୋଟି ଟଙ୍କା ଅନୁଦାନ ଯୋଗାଇଥିଲେ। କିନ୍ତୁ ସେ ଅର୍ଥ ଚଲୁ ହୋଇଗଲା। ନବୀନ ପଟ୍ଟନାୟକଙ୍କ ପକେଟକୁ ଗଲା। ବାଲିକୁଦା-ଏରସମାବାସୀ ପିଇବା ପାଣି ନ ପାଇ ତହଲବିକଳ ହେଉଥିବାବେଳେ ତାମିଲ ଠିକାଦାରଙ୍କ ପକେଟ ଗରମ ହୋଇଚାଲିଛି। ଏଇଟା ଗୁମାସ୍ତା ଯୋଜନା। ମଙ୍ଗଳବାର ବାଲିକୁଦାଠାରେ ଭାଜପା ପକ୍ଷରୁ ଆୟୋଜିତ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଭୟ ମୁଖ୍ୟମନ୍ତ୍ରୀ ଓ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ନାଁ ନ ନେଇ ବର୍ଷିଥିଲେ।



ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଧାୟକ ପ୍ରାର୍ଥୀ ସତ୍ୟସାରଥି ମହାନ୍ତି ଓ ଦଳୀୟ ନେତୃମଣ୍ଡଳୀ।

ସେ ଏକଥା ମଧ୍ୟ କହିଥିଲେ, ଏବେ ସମୟ ଆସିଛି। ଉତ୍ତର ଦେବାକୁ ପଡ଼ିବ। ମାଇକ୍ ଉପାଖ୍ୟାନ ଦେଇ ଧର୍ମେନ୍ଦ୍ର କହିଥିଲେ, ମାଇକ ଓ ଟେଣ୍ଟ ଭଡାରେ ଆସେ। ସେ କହୁଥିବା ମାଇକ ଭଡାରେ ଆସିଛି। କିନ୍ତୁ ସେ କହିଲା ବେଳେ, ବାଲିକୁଦା-ଏରସମାର ଭାଜପା ବିଧାୟକ ପ୍ରାର୍ଥୀ ସତ୍ୟସାରଥି ମହାନ୍ତି ମାଇକ ଧରିନାହାନ୍ତି। ହେଲେ ମାଇକ୍‌ଟିଏ ଧରିବା ପାଇଁ ଓଡ଼ିଶାର ସାଢେ ଚାରି କୋଟି ଓଡ଼ିଆଙ୍କ ଭିତରୁ ମୁଖ୍ୟମନ୍ତ୍ରୀଙ୍କୁ କେହି ନ ମିଳିବା ଦୁଃଖର ବିଷୟ। ମାଇକ୍, ଟେଣ୍ଟ ସିନା ଭଡ଼ାରେ ଅଣାଯାଏ, ହେଲେ ନେତା କୁଆଡୁ ଭଡ଼ାରେ ଅଣାଯାଏ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଖାଦ୍ୟ ସୁରକ୍ଷା ଯୋଜନାରେ ଜଣକା ୫ କିଲୋଗ୍ରାମ ହିସାବରେ ମାଗଣା ଚାଉଳ ଦେଉଛନ୍ତି। ମୋଦିଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ କଲେ ମାଗଣା ଚାଉଳ ସୁବିଧା ୨୦୨୯ ପର୍ଯ୍ୟନ୍ତ ବଳବତ୍ତର ରହିବ। ତେଣୁ ଭାଜପା ଏମ୍‌ପି ପ୍ରାର୍ଥୀଙ୍କୁ ଜିତାଇବାକୁ ପଡ଼ିବ। ବିଜେଡି ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କ ଆଡ଼କୁ ଅଙ୍ଗୁଳି ଉଠାଇ, ରାଜଶ୍ରୀ ନାନୀଙ୍କୁ ଭୋଟ ଦେଲେ ପ୍ରଧାନମନ୍ତ୍ରୀ କିଏ ହେବେ ବୋଲି ସେ ପ୍ରଶ୍ନ କରିବା ସହ ତୁଚ୍ଛାଟାରେ ବିଜେଡି ନିର୍ବାଚନ ଲଢୁଥିବା ଧର୍ମେନ୍ଦ୍ର କହିଥିଲେ। ଏଥିସହ ଭାଜପା ବିଧାୟକ ପ୍ରାର୍ଥୀ ସତ୍ୟସାରଥି ଓ ଏମ୍‌ପି ପ୍ରାର୍ଥୀ ବିଭୁ ତରେଇଙ୍କୁ ନିର୍ବାଚନରେ ସମର୍ଥନ କରିବାକୁ ଧର୍ମେନ୍ଦ୍ର ନିବେଦନ କରିଥିଲେ। ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସହ ବିଧାୟକ ପ୍ରାର୍ଥୀ ସତ୍ୟସାରଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୟଦ ମହାନ୍ତି, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ଲୋକ ସଭା ସଂଯୋଜକ ଓମ୍‌ପ୍ରକାଶ ରାୟ, ବିଧାନସଭା ପ୍ରଭାରୀ ଜଗନ୍ନାଥ ପ୍ରସାଦ ସ୍ୱାଇଁ, ଜିଲା ଉପସଭାପତି ମୋହିତ ମହାନ୍ତି , ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁ, ଓବିସି ମୋର୍ଚ୍ଚା ଜିଲା ସଭାପତି ସୁବୋଧ ବାରିକ, ନାରୀନେତ୍ରୀ ଅମିତା ଦାସ, ଶ୍ରୀକାନ୍ତ ଦାସ, ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଜିଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା ଧନ୍ୟବାଦ ଦେଇଥିଲେ ।

**ବାଲିକୁଦା-ଏରସମା ବିଧାନସଭା ଆସନରେ ଭାଜପାର ପ୍ରଚାର**

**■ ଓଡ଼ିଆ ଅସ୍ମିତା କଥା ଆସିଲେ ଜଗତ୍‌ସିଂହପୁର ମନେପଡ଼େ**

# ସଭ୍ୟ ପଦ ରଦ୍ଦକୁ କାଏମ ରଖିଲେ ଅଦାଲତ

କୁଜଙ୍ଗ,୨୮।୫(ମନୋଜ ପ୍ରଧାନ)

**ପାରାଦୀପ ଟ୍ରକ୍ ମାଲିକ ସଂଘ ବିବାଦ**

ପାରାଦୀପ ଟ୍ରକ୍ ମାଲିକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ପରିଡ଼ା ସଂଘ ବିରୋଧୀ କାର୍ଯ୍ୟରେ ଲିପ୍ତଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ୨୦୨୩ ଜୁଲାଇ ୨ରେ ସାଧାରଣ ପରିଷଦ ବୈଠକରେ ତାଙ୍କର ସଭ୍ୟ ପଦ ରଦ୍ଦ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଖାଲି ସେତିକି ନୁହେଁ, ୨୦୨୪ ମାର୍ଚ୍ଚ ୧୦ ତାରିଖରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ମଧ୍ୟ ସେ ସଭ୍ୟମାନଙ୍କୁ ଗାଳିଗୁଲଜ କରିଥିବାର ଅଭିଯୋଗ ଉଠିଥିଲା। ଏ ନେଇ ସଂଘ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ପର୍ଯ୍ୟାଲୋଚନା କଲାପରେ ବିରଞ୍ଚିଙ୍କ ସଭ୍ୟପଦ ରଦ୍ଦ ନିଷ୍ପତ୍ତିକୁ କାଏମ୍ ରଖିଥିଲେ। ଏହା ବିରୋଧରେ ବିରଞ୍ଚି କୁଜଙ୍ଗର ସିଭିଲ୍ ଜଜ୍ ସିନିୟର ଡିଭିଜନ୍ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ସମସ୍ତ ପକ୍ଷଙ୍କ ଶୁଣାଣି କରି ଶେଷରେ ଟ୍ରକ୍ ମାଲିକ ସଂଘ ସଭ୍ୟପଦ ରଦ୍ଦ ପ୍ରସଙ୍ଗରେ ନେଇଥିବା ନିଷ୍ପତ୍ତି କାଏମ୍ ରଖିଛନ୍ତି।

# କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ରାଲି


କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ.ହିମାଂଶୁ ଭୂଷଣ ମଲ୍ଲିକ ସମର୍ଥକଙ୍କ ସହ ବାଇକ୍ ରାଲିରେ ଯାଉଛନ୍ତି।

ରଘୁନାଥପୁର,୨୮।୫(ରାଜେନ୍ଦ୍ର ନାରାୟଣ ସିଂହ)

କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ.ହିମାଂଶୁ ଭୂଷଣ ମଲ୍ଲିକ ନିଜ ସମର୍ଥକଙ୍କ ସହ ରଘୁନାଥପୁର ବ୍ଲକର ୧୯ ପଞ୍ଚାୟତରେ ରୋଡ୍ ଶୋ' କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୯ ଟାରେ ନୂଆପଡା ଛକରୁ ବାଇକ ରାଲି ବାହାରି ଜଇପୁର ଛକରେ ପହଞ୍ଚିଥିଲେ। ପରେ ସେଠାରେ ପୂର୍ବରୁ ଅପେକ୍ଷା କରି ରହିଥିବା କର୍ମୀମାନେ ସେମାନଙ୍କ ସହ ଯୋଗ ଦେଇଥିଲେ। ଏହାପରେ ରାଲି ପୁରୁଣାବସନ୍ତ, ଏରଡଙ୍ଗା, ତଅଁରା ପଞ୍ଚାୟତ ଦେଇ ରେତୁଆ, ରାଢ଼ଙ୍ଗ ଓ ସାଦେଇପୁର ଅଭିମୁଖେ ଯାତ୍ରା କରିଥିଲା। ଏହା ମଧ୍ୟରେ ବିଭିନ୍ନ ସ୍ଥାନରେ ବିଧାୟକ ପ୍ରାର୍ଥୀ ଇଂ ମଲ୍ଲିକ ଗାଡି ଉପରେ ଥାଇ ଜନତାଙ୍କୁ ସମ୍ବୋଧନ କରି ନିଜ ସପକ୍ଷରେ ଆଶୀର୍ବାଦ ଲୋଡ଼ିଥିଲେ। ସେଠାରୁ ତରିକୁନ୍ଦ, ଜଇଷୋଳ, ବରାଗୋଳ ଦେଇ ରଘୁନାଥପୁର ବଜାରରେ ପହଞ୍ଚି ଜଗନ୍ନାଥପୁର ଦେଇ ତାରପୁର ବାଇପାସ୍‌ସ୍ଥିତ ଏକ ମଣ୍ଡପରେ ପହଞ୍ଚି ଭୋଟ ପରିଚାଳନା ନେଇ କର୍ମୀମାନଙ୍କ ସହ ଏକ ବୈଠକରେ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ସରପଞ୍ଚ କାଳନ୍ଦୀ ମହାନ୍ତି, ଜିଲା ଛାତ୍ର କଂଗ୍ରେସ ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ରଙ୍କ ସହ ବ୍ଲକ ଓ ଜିଲାସ୍ତରୀୟ କର୍ମକର୍ତ୍ତା ଏବଂ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ସିପିଆଇ ଏମ୍‌ପି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର


ସିପିଆଇ ଏମ୍‌ପି ପ୍ରାର୍ଥୀ ରମେଶ ଚନ୍ଦ୍ର ସେଠୀ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

ଏରସମା,୨୮।୫ (ଦୀପ୍ତି ଖଣ୍ଡୁଆଳ)

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ସିପିଆଇ ଏମ୍‌ପି ପ୍ରାର୍ଥୀ ରମେଶ ଚନ୍ଦ୍ର ସେଠୀ ମଙ୍ଗଳବାର ନିର୍ବାଚନ ପ୍ରଚାର କରିଛନ୍ତି। ଏହି ଅବସରରେ ସେ କର୍ମୀଙ୍କ ସହ ମୋଟର ସାଇକେଲ ଶୋଭାଯାତ୍ରା କରି ଏରସମା ବ୍ଲକର କୃଷ୍ଣଚନ୍ଦ୍ରପୁର, ଏରସମା, ପଏଦା, ପୋଖରିଆପଡ଼ା ଆଦି ପଞ୍ଚାୟତ ପରିକ୍ରମା କରିଥିଲେ। ପ୍ରଚାର ଆରମ୍ଭ ପୂର୍ବରୁ ସେମାନେ ଶୋଭାଯାତ୍ରାରେ ମା'ଉତ୍ତରେଶ୍ୱରୀ ମନ୍ଦିରରେ ପହଞ୍ଚି ଆଶିଷ ଭିକ୍ଷା କରିଥିଲେ। ପ୍ରଚାର ଅଭିଯାନରେ ଜଗତ୍‌ସିଂହପୁର ସଂସଦୀୟ ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ୍ୟ ସିପିଆଇ ଯୁବ ନେତା ଦେବାଶିଷ ପରିଜା, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ମାନସ କୁମାର ମୁଦୁଲି, ଯୁବ ନେତା ପ୍ରସନ୍ନ କୁମାର କୁଅଁର, ପ୍ରଭଞ୍ଜନ ରାଉତ, ଆୟୁଷ କାନ୍ତ ସ୍ୱାଇଁ, ଆଶିଷ କୁମାର ପରିଡ଼ା ପ୍ରମୁଖ ସାମିଲ ହୋଇ ସିପିଆଇ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଶେଷରେ ପଏଦାସ୍ଥିତ ଗୋଠେଶ୍ୱର୍ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାର୍ଥୀ ସେଠୀ ଓ ପ୍ରଚାର କମିଟି ଅଧ୍ୟକ୍ଷଙ୍କୁ ଏରସମା ସିପିଆଇ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମେଣ୍ଟପୁର ପଞ୍ଚାୟତରେ କଂଗ୍ରେସର ପ୍ରଚାର

ଆଳି,୨୮।୫(ବନମାଳୀ ସେନାପତି)

ଚତୁର୍ଥ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଜିଲାରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହା ଅଧୀନରେ ଥିବା ଆଳି ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ବଢ଼ି ଚାଲିଛି। ମଙ୍ଗଳବାର ଆଳି ବ୍ଲକର ମେଣ୍ଟପୁର ପଞ୍ଚାୟତରେ ୩ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନେ ପ୍ରଚାର କରି ନିଜ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ମଙ୍ଗଳବାର ସକାଳେ ଆଳି ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ନିଜର କର୍ମୀମାନଙ୍କୁ ନେଇ ଏକ ପଦଯାତ୍ରା କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ମଧ୍ୟ ପ୍ରଚାର କରିଛନ୍ତି। ଅପରାହ୍ନରେ କଂଗ୍ରେସର ବିଧାୟକ ପ୍ରାର୍ଥିନୀ ଡା. ଦେବସ୍ମିତା ଶର୍ମା ବାଇକ୍ ଶୋଭାଯାତ୍ରାରେ ପଞ୍ଚାୟତ ବୁଲି ଭୋଟ ଭିକ୍ଷା କରିଥିଲେ। ଆଳି, ରାଜକନିକାର ଲୋକମାନଙ୍କୁ ସେମାନଙ୍କ ମୌଳିକ ଅଧିକାର ସହ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଭଳି ଅନେକ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ ପ୍ରାଥମିକତା ଦେବେ। ପରିବର୍ତ୍ତନର ନାରା ନେଇ ସେ ପ୍ରଚାର କରୁଛନ୍ତି। ବିଭିନ୍ନ ଗ୍ରାମରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି। ସାଧାରଣ ଲୋକଙ୍କ ଜନ ସମର୍ଥନ ତାଙ୍କ ସହିତ ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

# ଛପଡ଼ାରେ ବିଜେଡିର ପ୍ରଚାର



ରଘୁନାଥପୁର,୨୮।୫(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତରେ ବିଜେଡି ପକ୍ଷରୁ ପ୍ରଚାର ଜୋର୍‌ଦାର କରାଯାଇଛି। ପଞ୍ଚାୟତ ସଭାପତି ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଜିଲା ଯୁବ ବିଜେଡି ସମ୍ପାଦକ ମାନସ ଦାସ, ଅନ୍ତର୍ଯାମୀ ସାମଲ, ବ୍ଲକ ସଂଯୋଜକ କୁଞ୍ଜବିହାରୀ ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧି ନିରାକାର ଖୁଣ୍ଟିଆ, ସମିତି ସଭ୍ୟ ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ କୁସୁନପୁର, ଗନାଇଲୋ, ରାହାଡିଙ୍ଗା ଓ କେରେକେରା ଗ୍ରାମକୁ ଯାଇ ବିଧାୟକ ପ୍ରାର୍ଥୀ ଡ. ରମାକାନ୍ତ ଭୋଇ ଓ ଏମ୍‌ପି ପାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅମ୍ବିକା ପ୍ରସାଦ ଦାଶ, ରଜନୀକାନ୍ତ ଦାଶ, ରାଜକିଶୋର ସାହୁ, ପୂର୍ବତନ ସରପଞ୍ଚ ବିଜୟ କୁମାର ସ୍ୱାଇଁ, ତ୍ରିଲୋଚନ ଜେନାଙ୍କ ସହ ବହୁ କର୍ମୀ ସାମିଲ ହୋଇଥିଲେ।

# କେନ୍ଦ୍ରରେ ୪୦୦, ଓଡ଼ିଶାରେ ୧୦୦ ପାରହେବ: ବିଶ୍ୱଶର୍ମା

ଜଗତ୍‌ସିଂହପୁର, ୨୮।୫ (ପ୍ରମୋଦ କୁମାର ନାୟକ)

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାଉଗାଁ ବ୍ଲକ ଅଧୀନ ତେରିକିସ୍ଥିତ ନେତାଜୀ ସୁଭାଷଚନ୍ଦ୍ର ବୋଷ ଖେଳ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ଏହି ଅବସରରେ ସେ ପ୍ରଥମେ ଓଡ଼ିଆରେ ସବୁ ଠିକ୍‌ଠାକ୍ ବୋଲି ପଚାରିଥିଲେ। ତା'ପରେ ସଭାରେ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ମୋର ନମସ୍କାର। ଜଗତ୍‌ସିଂହପୁରରେ ଆପଣମାନଙ୍କ ଗହଣରେ ଉପସ୍ଥିତ ହୋଇ ମୋତେ ଅତ୍ୟନ୍ତ ଖୁସି ଲାଗୁଛି। ସମସ୍ତ ଜଗତ୍‌ସିଂହପୁରବାସୀଙ୍କୁ ମୋର ଅଭିନନ୍ଦନ ବୋଲି ବିଶ୍ୱଶର୍ମା କହିଥିଲେ। କାକଟପୁରସ୍ଥିତ ମା'ମଙ୍ଗଳାଙ୍କ ଶକ୍ତିପୀଠ, ମାଧବାନନ୍ଦ ମନ୍ଦିର, ମା ଶାରଳା ମନ୍ଦିର ଓ ଗୋରେଖନାଥ ମନ୍ଦିର ଆଦି ପବିତ୍ର ମାଟିକୁ ଆସି ସେ ସୌଭାଗ୍ୟ ଲାଭ କରିଛନ୍ତି। କେବଳ ଏତିକି ନୁହେଁ, ପ୍ରସିଦ୍ଧ ଓଡ଼ିଆ କବି ସାରଳା ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରାଣକୃଷ୍ଣ ପରିଜା, ସ୍ୱାଧୀନତା ସଂଗ୍ରାମୀ, ନବକୃଷ୍ଣ ଚୌଧୁରୀ ଓ ପ୍ରସିଦ୍ଧ କବି ବୀରକିଶୋର ଦାସ ପ୍ରମୁଖଙ୍କ ଜନ୍ମସ୍ଥାନ ଏହି ଜଗତ୍‌ସିଂହପୁରରେ ହୋଇଥିବାରୁ ପ୍ରତ୍ୟେକ ନମସ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ସେ ବିଜେଡି ସରକାର ଉପରେ ଶାଣିତ ଆକ୍ରମଣ କରି କହିଥିଲେ। ବିଜେଡି ସରକାରର କାର୍ଯ୍ୟକାଳ ଜୁନ୍ ୧ରେ ସରିବ। ୭ ତାରିଖରେ ଭାଜପା ନୂଆ ସରକାର କରିବ। ୧୦ ତାରିଖରେ ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ପ୍ରତିଶ୍ରୁତି ମୁତାବକ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ତେଣୁ ପ୍ରତ୍ୟେକଙ୍କୁ ଏହି ଉତ୍ସବରେ ଯୋଗଦେବାକୁ ଭୁବନେଶ୍ୱର ଯିବାକୁ ବିଶ୍ୱଶର୍ମା ନିବେଦନ କରିଥିଲେ। କେନ୍ଦ୍ରରେ ମୋଦିଙ୍କ ନେତୃତ୍ୱାଧୀନ ସରକାର ୪୦୦ ପାର କରିବ। ଓଡ଼ିଶାରେ ମଧ୍ୟ ଭାଜପା ୧୦୦ ପାର କରି ସରକାର ଗଢିବ ବୋଲି ବିଶ୍ୱଶର୍ମା କହିଥିଲେ। ଉପସ୍ଥିତ ଦଳୀୟ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ କହିଥିଲେ, ମହାପ୍ରଭୁଶ୍ରେ ଜଗନ୍ନାଥ ଓଡ଼ିଶାକୁ ସବୁକିଛି ଦେଇଛନ୍ତି। ରାଜ୍ୟରେ ପ୍ରଚୁର ଖଣିଜ ଦ୍ରବ୍ୟ ଭରି ରହିଛି। ଏ ମାଟିର ସଂସ୍କୃତି ଓ ଇତିହାସ ମହାନ୍। ଓଡ଼ିଶା ସାରା ଭାରତକୁ ଖାଦ୍ୟ ଯୋଗାଇପାରିବ। ରୋଜଗାର ଦେଇପାରିବ। କିନ୍ତୁ ଦୁଃଖର କଥା ହେଲା, ଓଡ଼ିଶାର ଯୁବକ ଚାକିରି ପାଇଁ ତାମିଲନାଡୁ ଯାଉଛନ୍ତି। ଏଠି ମନ୍ତ୍ରୀ, ବିଧାୟକଙ୍କ କ୍ଷମତା ନାହିଁ। ୨୪ ବର୍ଷର ସରକାରରେ ପଦବୀ ପୂରଣ ହୋଇପାରୁନାହିଁ। କାର୍ତ୍ତିକ ପାଣ୍ଡିଆନଙ୍କୁ ଓଡ଼ିଶା ସବୁକିଛି ଦେଇଛି। କିନ୍ତୁ ଓଡ଼ିଶାବାସୀଙ୍କୁ ପାଣ୍ଡିଆନ ବେରୋଜଗାର ଦେଇଛନ୍ତି। ଭାଜପା ସରକାର ଆସିଲେ ୧ ବର୍ଷ ଭିତରେ ଓଡ଼ିଶାର ୧ ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦିଆଯିବ। ୧୦ ବର୍ଷରେ ୩ ଲକ୍ଷ ଯୁବକଙ୍କୁ ଚାକିରି ମିଳିବ। ଓଡ଼ିଶାରେ କୃଷି ଉତ୍ତମ। କିନ୍ତୁ ଚାଷୀ ନିରାଶ। ଭାଜପା ସରକାର ଆସିଲେ ଏମ୍‌ଏସ୍‌ପି ୩୧୦୦ ଟଙ୍କା ମିଳିବ। କଟ୍‌ନୀ ଛଟ୍‌ନି ହେବନାହିଁ। ଶୀତଳ ଭଣ୍ଡାର ହେବ। ମଧ୍ୟପ୍ରଦେଶ, ଆସାମ ଭଳି ପ୍ରତି ମା'ଙ୍କୁ ମାସିକ ସହାୟତା ରାଶି ମିଳିବ। ମା'ମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କାର ଭାଉଚର ଦିଆଯିବ। ଭାଜପାର ସରକାରର ପ୍ରଥମ କାମ ହେବ ଶ୍ରୀମନ୍ଦିରରେ ୪ ଦ୍ୱାର ଖୋଲିବା। ରତ୍ନ ଭଣ୍ଡାର ଚାବି ଖୋଜି ବାହାର କରିବା। ରାଜ୍ୟର ବିକାଶ କରିବା। ଜଗତ୍‌ସିଂହପୁର ବିଧାନସଭା ଆସନର ଏକ ବ୍ଲକ୍‌ରେ ଏତେ ସଂଖ୍ୟକ ଲୋକଙ୍କ ସମାଗମ ଭାଜପା ସରକାର ଗଠନର ଆଭାସ ଦେଉଥିବା ବିଶ୍ୱଶର୍ମା କହିଥିଲେ। ଏହି ଅବସରରେ ସେ ଦଳର ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସଙ୍କୁ ବହୁ ସଂଖ୍ୟକ ଭୋଟରେ ଜିତାଇବାକୁ ନିବେଦନ କରିଥିଲେ। ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର, ଦଳ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପେନ୍ଦ୍ରନାଥ ବିଶ୍ୱାଳ, କ୍ରିଷ୍ଣା ମହାନ୍ତି, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ନିଲୁରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରତାପ ମିଶ୍ର ଧନ୍ୟବାଦ ଦେଇଥିଲେ ।


ନାଉଗାଁରେ ଆୟୋଜିତ ସଭାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ଭାଜପା ନେତାମାନେ ସ୍ୱାଗତ କରୁଛନ୍ତି।

**ପ୍ରାରମ୍ଭରୁ ଓଡ଼ିଆରେ ଭାଷଣ ଦେଇ ଚମକାଇଲେ**







# ପାସ୍ ହାର ୮୪ ପ୍ରତିଶତ

## ନୟାଗଡ଼ ସ୍ୱୟଂଶାସିତ କଲେଜ ଯୁକ୍ତ ୩ ପରୀକ୍ଷା ଫଳ

■ ଟପ୍ପରରେ ବାଜି ମାରିଲେ ଛାତ୍ରୀ
■ ରିଚିସ୍ମିତା ଶ୍ରେଷ୍ଠ ସ୍ନାତକ

ନୟାଗଡ,୨୮।୫
(ଲୋକନାଥ ମିଶ୍ର)

ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଗତ ବର୍ଷ ୯୪.୬୯ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ଚଳିତ ବର୍ଷ ୮୪ ପ୍ରତିଶତ ହୋଇଛି। ଟପ୍ପର ତାଲିକାରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ବାଜି ମାରିଛନ୍ତି। ତେବେ ବିଭାଗୀୟ ଟପ୍ପର ୧୯ ଜଣଙ୍କ ମଧ୍ୟରୁ ୧୫ଜଣ ଛାତ୍ରୀ ଅଛନ୍ତି। ବିଜ୍ଞାନ ବିଭାଗର ଜୁଲୋଜି ଛାତ୍ରୀ ରିଚିସ୍ମିତା ସାହୁ ମୋଟ ୨୬୦୦ରୁ ୨୫୦୨ ମାର୍କ ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। କଳାରେ ୯୧ ପ୍ରତିଶତ, ବିଜ୍ଞାନରେ ୮୪ ପ୍ରତିଶତ ଓ କମର୍ସରେ ୭୨ ପ୍ରତିଶତ ପାସହାର ରହିଛି। ଅନ୍ୟପକ୍ଷେ ମହାବିଦ୍ୟାଳୟରେ ୧୯ଜଣ ଟପ୍ପର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣ ବିଭାଗୀୟ ଶ୍ରେଷ୍ଠ ଟପ୍ପର ଅଛନ୍ତି। ବିଜ୍ଞାନ ବିଭାଗର ଜୁଲୋଜି ଅନର୍ସ ଛାତ୍ରୀ ରିଚିସ୍ମିତା ସାହୁ ୨୫୦୨, କଳା ବିଭାଗର ସଂସ୍କୃତ ଅନର୍ସ ଛାତ୍ରୀ ଇତିଶ୍ରୀ ମିଶ୍ର ୨୨୯୮ ଓ କମର୍ସ ବିଭାଗ କମର୍ସ ଅନର୍ସ ଛାତ୍ରୀ ମୋନାଲିସା ଦାସ ୨୨୧୧ ନମ୍ବର ରଖି ବିଭାଗୀୟ ଶ୍ରେଷ୍ଠ ଟପ୍ପର ହୋଇଛନ୍ତି।

ବିଜ୍ଞାନ ବିଭାଗର ବଟାନୀରେ ବାନାମ୍ବର ସାହୁ ୨୨୫୭ ନମ୍ବର, ଇଲୋକଟ୍ରୋନିକ୍ସରେ ସ୍ୱୟଂପ୍ରଭା ସାହୁ ୨୨୯୯ ନମ୍ବର, ଫିଜିକ୍ସରେ ଶୁଭସ୍ମିତା ସାହୁ ୨୪୦୧ ନମ୍ବର, ଜୁଲୋଜିରେ ରିଚିସ୍ମିତା ସାହୁ ୨୫୦୨ନମ୍ବର, କମ୍ପ୍ୟୁଟର ସାଇନ୍ସରେ ଚିନ୍ମୟ ରଞ୍ଜନ ସାହୁ ୨୨୫୪ ନମ୍ବର ଓ ଆଇଟିଏମରେ ବିଶ୍ୱ ନନ୍ଦନ ପରିଡ଼ା ୨୧୬୫ ନମ୍ବର ରଖି ଟପ୍ପର ହୋଇଛନ୍ତି। କଳାର ଏଜୁକେଶନରେ ସୀମା ସାହୁ ୨୨୬୧ ନମ୍ବର, ସାଇକୋଲୋଜିରେ ସ୍ନେହାରାଣୀ ସାହୁ ୨୨୯୭ ନମ୍ବର, ମ୍ୟାଥମେଟିକ୍ସରେ ସୁପ୍ରିୟା ମହରାଣା ୨୧୨୬ ନମ୍ବର, ପଲିଟିକାଲ ସାଇନ୍ସରେ ବିଶ୍ୱଜିତ ସାହୁ ୨୧୬୭ ନମ୍ବର, ଇକୋନୋମିକ୍ସରେ ସ୍ୱାତିଶା ପ୍ରିୟଦର୍ଶିନୀ ପ୍ରଧାନ ୨୧୨୦ ନମ୍ବର, ଓଡିଆରେ ବିଭୂତି ଭୂଷଣ ସେଠୀ ୨୧୪୧ ନମ୍ବର, ସୋସିଓଲୋଜିରେ ସୁଶ୍ରୀସୌଭାଗିନି ଦେଇ ୨୧୩୭ ନମ୍ବର, ଇତିହାସରେ ପ୍ରଜ୍ଞାସିନୀ ନାୟକ ୨୦୫୩ ନମ୍ବର, ଫିଲୋସିପିରେ ରଶ୍ମିତା ସାହୁ ୨୧୯୪ ନମ୍ବର, ଇଂଲିଶରେ ପ୍ରାଚୀ ପ୍ରତ୍ୟୁଷା ୧୯୦୩ ନମ୍ବର, ସଂସ୍କୃତରେ ଇତିଶ୍ରୀ ମିଶ୍ର ୨୨୯୮ ନମ୍ବର ଅନୁରୂପ ଭାବେ ଟପ୍ପର ହୋଇ ପାରିଛନ୍ତି। କେମେଷ୍ଟ୍ରିରେ ରଶ୍ମିତା ନାୟକ ୨୨୭୩ ନମ୍ବର, କମର୍ସରେ ମୋନାଲିସା ଦାସ ୨୨୧୧ ନମ୍ବର ଅନୁରୂପ ଭାବେ ରଖି ଟପ୍ପର ଅଛନ୍ତି। ଏ ଅବସରରେ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅଶ୍ୱିନୀ ନାୟକ ଓ ପରୀକ୍ଷା ପରିଚାଳକ ଜାନକୀନାଥ ଦାଶ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ।

ଅଧ୍ୟକ୍ଷଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ୯୬୯ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ଏଥିରୁ ୮୧୪ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ୧୫୫ ଜଣ ଫେଲ୍ ହୋଇଛନ୍ତି। ପାସ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୩୩୪ ଜଣ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ଫାଷ୍ଟ କ୍ଲାସରେ ୨୧୯, ସେକେଣ୍ଡ କ୍ଲାସରେ ୩୬ ଜଣ ଅଛନ୍ତି। କଳାର ରେଜଲ୍ଟ ୯୧ପ୍ରତିଶତ ହୋଇଛି। କଳାରେ ୨୨୩ ଜଣ ଫର୍ମ ଫିଲପ୍ କରିଥିବାବେଳେ ୨୦୩ ପାସ କରିଛନ୍ତି। ପାସ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୨ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ୬୪ ପ୍ରଥମ ଶ୍ରେଣୀରେ ଓ ୩୭ ଜଣ ୨ୟ ଶ୍ରେଣୀରେ ପାସ ଓ ୨୦ ଜଣ ଫେଲ ହୋଇଛନ୍ତି। କମର୍ସରେ ୭୨ ପ୍ରତିଶତ ରେଜଲ୍ଟ ହୋଇଛି। ୧୧୭ ଜଣ ପରୀକ୍ଷା ଦେଇ ଥିବାବେଳେ ୨୯ ଜଣ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ୧୮ ଜଣ ଫାଷ୍ଟ କ୍ଲାସ, ୨ଜଣ ଡିଷ୍ଟିଂଶନ ସହ ୨ୟ କ୍ଲାସ, ୩୫ ଜଣ ୨ୟ କ୍ଲାସ, ୮୪ ପାସ ଓ ୩୩ ଜଣ ଫେଲ ହୋଇଛନ୍ତି। ବିଜ୍ଞାନ ରେଜଲ୍ଟ ୮୪ ପ୍ରତିଶତ ହୋଇଛି। ବିଜ୍ଞାନରେ ୬୨୯ ଜଣ ପରୀକ୍ଷା ଦେଇଥିବାବେଳେ ୨୩୩ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ୨୦୩ ଜଣ ଫାଷ୍ଟ କ୍ଲାସ, ୨ ଡିଷ୍ଟିଂଶନ ସହ ୨ୟ କ୍ଲାସ, ୮୯ ସେକେଣ୍ଡ କ୍ଲାସ ପାଇଛନ୍ତି। ୫୨୭ ପାସ କରିଥିବାବେଳେ ୧୦୨ ଫେଲ୍ ହୋଇଛନ୍ତି।


ରିଚିସ୍ମିତା ସାହୁ


ମୋନାଲିସା ଦାସ


ଇତିଶ୍ରୀ ମିଶ୍ର

### ଶ୍ରେଷ୍ଠ ସ୍ନାତକଙ୍କ ମୁହଁରୁ

ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ରିଚିସ୍ମିତା ସାହୁଙ୍କ ଘର କନ୍ଧମାଳ ଜିଲା ଚକାପାଦ ବ୍ଲକ ଅଣ୍ଡୁଗୁଡା ଗାଁରେ। ମୁଁ ଦିନକୁ ୬ ଘଣ୍ଟା ପରିଶ୍ରମ କରୁଥିଲି । ୟୁପିଏସ୍ ପାଇଁ ଲକ୍ଷ୍ୟ ରଖିଥିବାବେଳେ ପ୍ରଫେସର ହେବି। ମୁଁ ଟପ୍ପର ହେବାକୁ ଅଶା ରଖିଥିଲି। ହେଲେ ମୋ ପରିଶ୍ରମ ମୋତେ ଆଶାଠାରୁ ଅଧିକ ସଫଳତା ଦେଇଛି । ମୁଁ ଏଥିରେ ଖୁସି ।

### ପିଜି ରେଜଲ୍ଟ ୯୧%

ମହାବିଦ୍ୟାଳୟରେ ପିଜି ରେଜଲ୍ଟ ୯୧ପ୍ରତିଶତ ହୋଇଛି । ଏଥିରେ ୪୩ ଜଣ ଫର୍ମ ଫିଲପ୍ କରିଥିବାବେଳେ ୩୮ ଜଣ ପ୍ରଥମ କ୍ଲାସରେ ପାସ୍ କରିଛନ୍ତି । ମାଷ୍ଟର ଇନ୍ ସୋସିଆଲ ୱାର୍କରେ ସମୁଦାୟ ୧୮ ପରୀକ୍ଷାର୍ଥୀ, ମାଷ୍ଟର ଇନ୍ କମର୍ସରେ ୮ ଓ ମାଷ୍ଟର ଇନ୍ ଓଡ଼ିଆରେ ୧୨ଜଣ ଫାଷ୍ଟ କ୍ଲାସ୍ ପାଇଛନ୍ତି ।

# ଡାକ କର୍ମଚାରୀଙ୍କ ବାସଗୃହ ସ୍ଥଳ ପାଲଟିଛି ସରୀସୃପଙ୍କ ଆଶ୍ରୟ ସ୍ଥାନ


ଖଣ୍ଡପଡ଼ା ଉପଡାକଘର କର୍ମଚାରୀଙ୍କ ବାସଗୃହ ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ସ୍ଥାନ।

ଖଣ୍ଡପଡ଼ା,୨୮।୫
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ଉପଡାକଘର କର୍ମଚାରୀମାନଙ୍କ ନିମନ୍ତେ ବାସଗୃହ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେବ ଚିହ୍ନଟ ହୋଇଥିବା ସ୍ଥାନ ଏବେ ସରୀସୃପଙ୍କ ନିରାପଦ ଆଶ୍ରୟସ୍ଥଳୀ ପାଲଟିଛି। ଖଣ୍ଡପଡ଼ା ସହର ୧ନଂ.ୱାର୍ଡ ଅଧୀନ ମଠ ସାହିରେ ସଂରକ୍ଷିତ ଥିବା ସ୍ଥାନରେ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରାଯାଇଛି। ମାତ୍ର ସଂରକ୍ଷିତ ସ୍ଥାନ ପରିସର ଅନାବନା ଗଛଲତାରେ ଭର୍ତ୍ତି ହୋଇ ରହିଛି । ବିଭିନ୍ନ ପ୍ରଜାତିର ବିଷଧର ସରୀସୃପ ସେଠାରେ ବାସ କରୁଥିବାରୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହେଉଛି । ସଂରକ୍ଷିତ ସ୍ଥାନ ଚାରିପାଖରେ ଜନବସତି ଗଢି ଉଠିଛି । ବିଭିନ୍ନ ସମୟରେ ବିଷଧର ସରୀସୃପ ବିଚରଣ କରୁଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି । ଡାକ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଅପରପକ୍ଷେ ଖଣ୍ଡପଡ଼ାରେ ଡ଼ାକବିଭାଗ କର୍ମଚାରୀମାନଙ୍କ ନିମନ୍ତେ ସରକାରୀ ବାସଗୃହ ଖଣ୍ଡେ ନ ଥିବାରୁ କର୍ମଚାରୀମାନେ ବାଧ ହୋଇ ଅନ୍ୟତ୍ର ଘରଭଡ଼ା ନେଇ ରହୁଥିବା ସୂଚନା ମିଳିଛି ।

# ଏ-୧ରେ ପାସ୍ ହାର ହ୍ରାସ ପାଉଛି

■ ମାଟ୍ରିକ ପରୀକ୍ଷାର ପାସ୍ ହାର ସମୀକ୍ଷା କରୁନି ଶିକ୍ଷା ବିଭାଗ
■ ହାଇସ୍କୁଲର ପାଠପଢ଼ା ନେଇ ଉଠିଲା ପ୍ରଶ୍ନ

ନୟାଗଡ଼,୨୮।୫
(ଲୋକନାଥ ମିଶ୍ର)

ମାଟ୍ରିକ ପରୀକ୍ଷାରେ ନୟାଗଡ଼ ଜିଲାରେ ଏ-୧ରେ ପାସ୍ ହାର ହ୍ରାସ ପାଇବା ଚିନ୍ତାର କାରଣ ପାଲଟିଛି । ଜିଲା ଶିକ୍ଷା ବିଭାଗ ଏ-୧ ପାସ ହାର ନେଇ ସମୀକ୍ଷା କରୁ ନ ଥିବାରୁ ହାଇସ୍କୁଲ ପାଠପଢ଼ାରେ ଅବ୍ୟବସ୍ଥା ବଢୁଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ଏ-୧ରେ ଛାତ୍ରୀଙ୍କ ପାସ୍ ହାର ହ୍ରାସ ନେଇ ଅଭିଭାବକ ଓ ଶିକ୍ଷାବିତ୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ୨୦୨୨ରୁ ୨୦୨୪ ୩ ବର୍ଷର ଏ-୧ ପାସ ହାରକୁ ଅନୁଧ୍ୟାନ କଲେ ହାଇସ୍କୁଲ ପାଠପଢ଼ା ଉପରେ ପ୍ରଶ୍ନ ଉଠିଛି । ଜିଲାର ବିଭିନ୍ନ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି । ତେବେ ଅଧିକାଂଶ ସ୍କୁଲରେ ଏ-୧ରେ କୌଣସି ଛାତ୍ରୀଛାତ୍ର ନାହାନ୍ତି । ୨୦୨୨ରେ ୧୨୪ଜଣ ଏ-୧ରେ ଥିବାବେଳେ ୨୦୨୩ରେ ଏହା ୧୪୦ରେ ପହଞ୍ଚିଥିଲା। ୨୦୨୪ରେ ଏ-୧ରେ ମାତ୍ର ୩୮ଜଣ ପାସ କରିଛନ୍ତି। ଏଭଳି ଧାରା ଲାଗି ରହିଲେ ୨୦୨୫ରେ ପାସ ହାର ନିଶ୍ଚିୟ ହ୍ରାସ ପାଇବ ବୋଲି ଅଭିଭାବକମାନେ କହିଛନ୍ତି ।

# ଭୂତକୋଠି ପାଲଟିବ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଖଣ୍ଡପଡ଼ା,୨୮।୫
(ଅଜୟ କୁମାର ମହାରଣା)

ରାଜରାଜୁଡା ଅମଳରୁ ଗତ ୧୯୨୭ରୁ ସହରର ମଧ୍ୟ ଭାଗରେ ପ୍ରତିଷ୍ଠା କରାଯାଇଥିବା ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ୯୬ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଆସିଥିଲା । ଏବେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ନୂତନ କୋଠାକୁ ସ୍ଥାନାନ୍ତରିତ କରାଯାଇଛି । ତେବେ ସ୍ଥାନାନ୍ତରିତ ପରେ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟିରେ ଏବେ ୩ ମାସ ହେଲା ତାଲା ଝୁଲୁଛି । ଏହି ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଭୂତକୋଠି ପାଲଟିବା ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରିବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି । ଏକଦା ଚଳଚଞ୍ଚଳ ଥିବା ଏହି ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରକ୍ଷଣାବେକ୍ଷଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନବୀକରଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ଖଣ୍ଡପଡ଼ା ସହରର ୧୨ନଂ.ୱାଡରେ ନବ ନିର୍ମିତ ନୂତନ କୋଠାକୁ ଗତ ଫେବୃଆରୀ ୨୬ରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ସ୍ଥାନାନ୍ତରିତ ହୋଇଥିଲା । ଏବେ ବି ଅନେକ କିଛି ସାମଗ୍ରୀ ନୂତନ କୋଠାକୁ ସ୍ଥାନାନ୍ତରିତ ହୋଇ ପାରିନାହିଁ । ବହୁ ସାମଗ୍ରୀ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଡି ରହିଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିଷାର ପଣ୍ଡା କହିଛନ୍ତି ।


ଖଣ୍ଡପଡ଼ା ପୁରୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

# ଅଧା କଟା ବାର୍‌ହା ସହ ମାଂସ ଜବତ

ଦଶପଲ୍ଲା,୨୮।୫(ପ୍ରକାଶ କୁମାର ପାଣି)

ବନ ବିଭାଗ ବାଣିଗୋଛା କର୍ମଚାରୀମାନେ ଅଧା କଟା ବାର୍‌ହା ସହ ମାଂସ ଜବତ କରିଛି । ସୋମବାର ସନ୍ଧ୍ୟାରେ ଦଶପଲ୍ଲା ବନାଞ୍ଚଳ ଅନ୍ତର୍ଗତ ବାଣିଗୋଛା ଫରେଷ୍ଟ ସେକ୍ସନର ଦଶନିପଡା ନିକଟବର୍ତ୍ତୀ ଜଙ୍ଗଲରୁ ଶିକାରୀମାନେ ଏକ ବାର୍‌ହା ଶିକାର କରି ତାକୁ ପୋଡ଼ି କାଟିବା ଆରମ୍ଭ କରିଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବାଣିଗୋଛା ବନପାଳ ଜ୍ୟୋତି ରଞ୍ଜନ ମାନସିଂହ, ଫରେଷ୍ଟ ଗାର୍ଡ ସୁମନ୍ତ ପାଇକିଆ ବିଶ୍ୱାଳ, ସୂର୍ଯ୍ୟକାନ୍ତ ସେଠୀ ପ୍ରମୁଖ କର୍ମଚାରୀ ଚଢାଉ କରି ଅଧା କଟା ବାର୍‌ହା ସହ ମାଂସକୁ ଜବତ କରିଥିଲେ । ବନ କର୍ମଚାରୀମାନଙ୍କୁ ଦେଖି ଶିକାରୀ ଓ ତାଙ୍କ ସହଯୋଗୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜବତ ଅଧାକଟା ବାର୍‌ହା ମାଂସକୁ ପ୍ରାଣୀଧନ ଚିକିତ୍ସାଳୟର ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯିବା ପରେ ବନପାଳଙ୍କ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି । ଏ ସମ୍ପର୍କରେ ଏକ ମାମଲା(ନଂ.୫/୨୪)ରୁଜୁ ହୋଇଛି।



# ସୁନାମୁହିଁରେ ନିର୍ବାଚନ ପରବର୍ତ୍ତୀ ହିଂସା

## ୩ ମାମଲା ରୁଜୁ, ଶାନ୍ତି କମିଟି ଗଠନ

ଓଡ଼ଗାଁ,୨୮।୫
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ସୁନାମୁହଁ ଗାଁରେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡକୁ ନେଇ ୩ଟି ମାମଲା ରୁଜୁ ହୋଇଥିଲା । ଜଣେ ଅଭିଯୁକ୍ତଙ୍କୁ ସିଆରପିସି ଧାରା ୪୧(କ)ରେ ନୋଟିସ ମାଧ୍ୟମରେ ଛଡାଯାଇଛି। ଅପରପକ୍ଷେ ନୟାଗଡ଼ ଜିଲା ଅତିରିକ୍ତ ଏସ୍‌ପି ସନାତନ ଖାଲକୋ, ଆଇଆଇସି ରଶ୍ମିରଞ୍ଜନ ସାହୁ,ଏସ୍‌ଆଇ ଚକ୍ରଧର ସିଂ, ଏଏସ୍‌ଆଇ ମନୋଜ କୁମାର ପାତ୍ର ସୁନାମୁହଁ ଯାଇ ସେଠାରେ ଉଭୟ ପକ୍ଷର ଉପସ୍ଥିତିରେ ଏକ ଶାନ୍ତି କମିଟି ଗଠନ କରିଛନ୍ତି । ଏହା ସହିତ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୨୫ ତାରିଖ ସାଧାରଣ ନିର୍ବାଚନ ପାଇଁ ସିଆର୍‌ପିଏଫ୍ ପୋଲିସ ସୁନାମୁହଁ ହାଇସ୍କୁଲଠାରେ ରହିଥିଲେ। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଉକ୍ତ ଅର୍ଦ୍ଧ ସାମରିକ ବାହିନୀଙ୍କ ଆବଶ୍ୟକ ବେଳେ ବିଶୁଦ୍ଧ ପାନୀୟ ଜଳ କିମ୍ବା ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେଉଥିଲେ। ଗତ ୨୬ ତାରିଖ ସନ୍ଧ୍ୟାରେ ସିଆରପିଏଫ୍ ପୋଲିସ ବାହିନୀଙ୍କୁ ସହଯୋଗ କରିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଦ୍ୟୁତିକୃଷ୍ଣ ନାହାକ ସୁନାମୁହିଁ ହାଇସ୍କୁଲକୁ ଯାଉଥିବାବେଳେ ସାମ୍ନାରେ ଦୋକାନ କରିଥିବା ଭାଜପା ସମର୍ଥିତ ସୁନାମୁହିଁ ଗ୍ରାମର ବସନ୍ତ କୁମାର ବିଶୋଇ ଦ୍ୟୁତିକୃଷ୍ଣଙ୍କୁ ଦୋକାନ ସାମ୍ନାରେ ଅଟକାଇ ଗାଳିଗୁଲଜ କରିବା ସହ ମାରପିଟ୍ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏତଦ୍‌ବ୍ୟତୀତ ଜାତିଆଣ ଆକ୍ଷେପ କରିଥିଲେ।ଏହି ସମୟରେ ପାଟ୍ରୋଲିଂରେ ଯାଇଥିବା ଓଡ଼ଗାଁ ପୋଲିସ ଘଟଣାସ୍ଥଳ ଅତିକ୍ରମ କରୁଥିବାବେଳେ ବସନ୍ତ ପୋଲିସଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରିଥିଲେ। ପାଟ୍ରୋଲିଂ ଦାୟିତ୍ୱରେ ଥିବା ଓଡ଼ଗାଁ ପୋଲିସ ଅଫିସର ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ଘଟଣାସ୍ଥଳରେ ନିଶାସକ୍ତ ଅବସ୍ଥାରେ ଥିବା ବସନ୍ତ ବିଶୋଇଙ୍କୁ ଗାଡିରେ ବସାଇ ଥାନାକୁ ଆଣିଥିଲେ। ଦ୍ୟୁତିକୃଷ୍ଣ ନାହାକ ତାଙ୍କ ସହିତ ଘଟିଥିବା ଘଟଣାକୁ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୪/୨୪) ସହିତ ଜାତିଆଣ ଆକ୍ଷେପ ମାମଲା ରୁଜୁ କରିଥିଲା। ପୋଲିସ ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏଏସ୍‌ଆଇ ମନୋଜ କୁମାର ପାତ୍ରଙ୍କ ଅଭିଯୋଗରେ ଗତ ୨୭ ତାରିଖରେ ବିଭିନ୍ନ ଦଫାରେ ଅନ୍ୟ ଏକ ମାମଲା(ନଂ୧୫୩/୨୪)ରୁଜୁ ହୋଇଥିଲା। ଅପର ପକ୍ଷେ ବସନ୍ତଙ୍କ ମା' ଶାନ୍ତି ବିଶୋଇ ବିଜେଡି ସମର୍ଥକ ଦ୍ୟୁତିକୃଷ୍ଣ ନାହାକ,ମାନସ ରଞ୍ଜନ ସାହୁ,ମାନସ ପ୍ରଧାନ,ଭୁବନେଶ୍ୱର ସାହୁଙ୍କ ସହିତ ଅନ୍ୟ ୩ଜଣଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ । ପୋଲିସ ଆଉ ଗୋଟିଏ ମାମଲା ରୁଜୁ କରିଛି । ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ ଜାତିଆଣ ମାମଲାର ତଦନ୍ତ କରୁଛନ୍ତି ।


ଶାନ୍ତିକମିଟି ବୈଠକରେ ଉପସ୍ଥିତ ଗ୍ରାମବାସୀ।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ନୟାଗଡ଼,୨୮।୫(ଲୋକନାଥ ମିଶ୍ର)

ଇଟାମାଟି ଥାନା ବାଉଁଶିଆପଡ଼ା ଗାଁର କୃଷ୍ଣଚନ୍ଦ୍ର ମହାନ୍ତି(୩୩) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। କୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩/୨୪)ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କୃଷ୍ଣ ଭୁବନେଶ୍ୱରରେ କାମ କରନ୍ତି। କିଛି ଦିନ ହେଲା ଗାଁକୁ ଆସିଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନି।

# ନବୀନବାବୁ ସରକାର ଚଳାଇବାକୁ ଅକ୍ଷମ ହେଲେଣି: ଧର୍ମେନ୍ଦ୍ର






ବଡ଼ଚଣା ବିଧାନସଭା କ୍ଷେତ୍ରର ପତରାଜପୁରଠାରେ ଅନୁଷ୍ଠିତ ଭାଜପା ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ। ଧର୍ମଶାଳା ମହୋତ୍ସବ ପଡ଼ିଆରେ ଆୟୋଜିତ ସମାବେଶରେ ଉପସ୍ଥିତ କର୍ମୀ।

**ଚଣ୍ଡିଖୋଲ/ଧର୍ମଶାଳା/କାଏମା, ୨୮।୫(ପ୍ରଦୀପ୍ତ କୁମାର ପୃଷ୍ଟି/ ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି):**

ଯାଜପୁର ଲୋକ ସଭା କ୍ଷେତ୍ର ଅଧୀନ ବଡ଼ଚଣା, ଧର୍ମଶାଳା, ବିଞ୍ଝାରପୁର ଓ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ସମବେତ ଜନତାଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି। ବଡ଼ଚଣା ବିଧାନସଭା କ୍ଷେତ୍ରର ପତରାଜପୁରଠାରେ ପୂର୍ବତନ ଭାଜପା ଯାଜପୁର ଜିଲା ସଭାପତି ଅଶୋକ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଧର୍ମେନ୍ଦ୍ର ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ନବୀନବାବୁ ସରକାର ଚଳାଇବାକୁ ଅକ୍ଷମ ହେଲେଣି। ସେଥିପାଇଁ ଜଣେ ଗୁମାସ୍ତା ଓ ଜଣେ କ୍ରୀତଦାସ ସରକାର ଚଳାଉଛନ୍ତି। ଏହା ହେଉଛି ମା’ ବିରଜାଙ୍କ ମାଟି। ଏଠାରେ ସାଧବ ପୁଅମାନେ ଦିନେ ନୌବାଣିଜ୍ୟ କରି ବିଦେଶ ଯାଇ ମାଟିର ଗରିମା ବଢ଼ାଇ ଥିଲେ। ହେଲେ ସେହି ମାଟିରେ ବିଜେଡି ସରକାର ପାନୀୟ ଜଳ ଲୋକଙ୍କ ପାଖରେ ପହଞ୍ଚାଇ ପାରିନାହିଁ। ପାନୀୟ ଜଳ ପାଇଁ ମୋଦି ସରକାର ୧୦ ହଜାର କୋଟି ଟଙ୍କା ଦେଇଛନ୍ତି। ସେହି ଟଙ୍କା ତାମିଲନାଡୁ ଠିକାଦାରଙ୍କୁ ଦେଇ ଲୁଟ କରିଛନ୍ତି ଏଠାରେ ରହୁଥିବା ଜଣେ ତାମିଲ ଗୁମାସ୍ତା। ସେହି ଗୁମାସ୍ତାଙ୍କ ଜଣେ କ୍ରୀତଦାସ ଯାଜପୁର ଜିଲାରେ ଅଛନ୍ତି। ଯିଏ ଯାଜପୁର ମାଟିର ନେତା ବୋଲାଉଛନ୍ତି। ଯାଜପୁର ଜିଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅତ୍ୟନ୍ତ ଖରାପ। ଯାଜପୁରରେ ୩୨୦ ଡାକ୍ତର ପଦବୀ ମଧ୍ୟରୁ ୧୪୦ ଖାଲି ପଡ଼ିଛି। ୭୦୬ ନର୍ସ ପଦବୀରୁ ୪୫୩ ପଦବୀ ଖାଲି ପଡ଼ିଛି। ବିଏସ୍‌କେୱାଇ କାର୍ଡ କରି କେବଳ ବେସରକାରୀ ଚିକିତ୍ସାଳୟ ସହିତ ସନ୍ଧି କରି ଲୁଟ କରାଯାଉଛି। ବଡ଼ଚଣା ହେଉଛି ସ୍ୱାଧୀନତା ସଂଗ୍ରାମୀମାନଙ୍କ ମାଟି। କଳା, ସଂସ୍କୃତିର ଏ ମାଟି ପ୍ରତି ବିଜେଡି ଘୃଣା ଭାବ ସୃଷ୍ଟି କରିଛି। ଯେଉଁ ମା’କୋଟ୍ରାକ୍ଷୀଙ୍କ ମୂର୍ତ୍ତି ଏଠାରୁ ଚୋରି ହୋଇଥିଲା ମୋର ଭାଗ୍ୟ ତାହାକୁ ଦିଲ୍ଲୀରୁ ଫେରାଇ ଆଣିଛି। ବଡ଼ଚଣା ମାଟିରେ ମୋର ଦୁଇ ଗୁରୁ ଅଛନ୍ତି। ଜଣେ

**ବଡ଼ଚଣା, ଧର୍ମଶାଳା, ବିଞ୍ଝାରପୁର ଓ କୋରେଇରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ**

- **ଯାଜପୁର ଜିଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅତ୍ୟନ୍ତ ଖରାପ**
- **ଭାଜପାର ବିଜୟ ବାନା ଅଟକାଇବା ପାଇଁ ଧର୍ମଶାଳାରେ ଗେରୁଆ ରଙ୍ଗର ନୀଳବର୍ଣ୍ଣ ଶୃଗାଳ ବୁଲୁଛନ୍ତି**

ହେଲେ ରାଜନୈତିକ ଗୁରୁ ତଥା ଏଠାକାର ବିଧାୟକ ଅମର ପ୍ରସାଦ ଶତପଥୀ। ଆମେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ରେ ଯୋଗଦେବା ପୂର୍ବରୁ ସେ ଥିଲେ ଏବିଭିପିର ତୁଙ୍ଗନେତା। ତାଙ୍କ ସହିତ ବିଜେଡି ବେଇମାନ କରିଛି। ଆଉ ଜଣେ ପ୍ରଶାସନିକ ଗୁରୁ। ସେ ହେଉଛନ୍ତି ନିର୍ମଳ ମିଶ୍ର। ମୁଁ ପ୍ରଥମ ବିଧାୟକ ହେଲାବେଳେ ସେ ଥିଲେ ଜିଲାପାଳ। ଯାଜପୁର ଜିଲାରେ ୧୪ ପଞ୍ଚାୟତରେ ହାଇସ୍କୁଲ ନାହିଁ। ନଗଡ଼ା ଅପପୁଷ୍ଟି ପାଇଁ ଯାଜପୁର ସାରା ଦେଶରେ ପରିଚୟ ସୃଷ୍ଟି କରିଛି। ଏହା ହେଉଛି ୨୪ ବର୍ଷର ଶାସନ, ଏଠାରେ ନେତାଙ୍କ ଏତେ ଅଭାବ ପଡ଼ିଲା ମାଇକ ଭଡ଼ା ଭଳି ତାମିଲନାଡୁରୁ ଭଡାରେ ଏଠାକୁ ନେତା ଅଣାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ପରେ ସେ ଭାଜପା ଲୋକ ସଭା ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରା ଓ ବିଧାୟକ ପ୍ରାର୍ଥୀ ଅମର ନାୟକଙ୍କୁ ଭୋଟ ଦେଇ ଜିତାଇବାକୁ ଅନୁରୋଧ କରିଛନ୍ତି। ବିଧାୟକ ପ୍ରାର୍ଥୀ ଅମର ଯୋଗଦେଇ ଏଠାକାର ଲୋକେ ସ୍ୱାଭିମାନୀ, ସେ ଠିକଣା ଜବାବ ଦେବେ ବୋଲି କହିଛନ୍ତି। ଲୋକ ସଭା ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ଯୋଗଦେଇ ଭୋଟ୍ ଭିକ୍ଷା କରିଛନ୍ତି। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବମୋର୍ଚ୍ଚା ସମ୍ପାଦକ ପ୍ରୀତମ ନାୟକ, କିଷାନ ମୋର୍ଚ୍ଚା ସଭାପତି ପାଣ୍ଡବ ଧଳ, ଜିଲା ସମ୍ପାଦକ ପ୍ରମୋଦ କୁମାର ଜେନା, ଜିଲା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଶାନ୍ତି, ଦଳିତ ମୋର୍ଚ୍ଚାର ମାଧବ ଦାସ ଓ ବିଘ୍ନେଶ୍ୱର ବଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମଣ୍ଡଳ ସଭାପତି ସୀତାକାନ୍ତ ବଳସାମନ୍ତ ଧନ୍ୟବାଦ ଦେଇଥିଲେ।

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଆୟୋଜିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଯୋଗଦେଇ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଗଠନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଭାଜପାର ବିଜୟ ବାନାକୁ ଅଟକାଇବା ପାଇଁ ଧର୍ମଶାଳାରେ ଗେରୁଆ ରଙ୍ଗର କେତେଜଣ ନୀଳବର୍ଣ୍ଣ ଶୃଗାଳ ବୁଲୁଛନ୍ତି। ଅଳ୍ପ ମାସ ତଳେ ଦଳରେ ମିଶି ଷଡ଼ଯନ୍ତ୍ର କରିଛନ୍ତି। ସେମାନଙ୍କୁ ଚିହ୍ନି ରଖିବା ସହ ଆଗାମୀ ନିର୍ବାଚନରେ ଜବାବ ଦେବାକୁ ଆହ୍ୱାନ ଦେଇଛନ୍ତି। ପରେ ସେ ଲୋକ ସଭା ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ଓ ଧର୍ମଶାଳା ବିଧାନସଭା ପ୍ରାର୍ଥୀ ସ୍ମୃତିରେଖା ପହିଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ୩ ଘଣ୍ଟା ବିଳମ୍ବରେ ଆସିବାରୁ ପ୍ରବଳ ଗ୍ରୀଷ୍ମ ଯୋଗୁ ବହୁ କର୍ମୀ ହତୋତ୍ସାହିତ ହୋଇ ସଭାସ୍ଥଳ ଛାଡି ପଳାଇ ଯାଇଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ମନ୍ତ୍ରୀ ବିଳମ୍ବରେ ଆସିଥିବାରୁ ଦୁଃଖିତ ବୋଲି କହିଥିଲେ। ସେହିପରି ବିଞ୍ଝାରପୁର ଓ କୋରେଇ ନିର୍ବାଚନମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଚାର କରିବା ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରେମାନନ୍ଦ



@ ସିଦ୍ଧାର୍ଥ



@ ସ୍ୱର୍ଣ୍ଣପ୍ରଭା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧର୍ମଶାଳା କଂଗ୍ରେସର ମିଶ୍ରଣ ପର୍ବ



କଂଗ୍ରେସରେ ଯୋଗଦେଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

**ଧର୍ମଶାଳା, ୨୮।୫(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟୁଣିଆ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଅଞ୍ଜନ କୁମାର ରାଉତ, ଧୀରେନ୍ଦ୍ର କୁମାର ରାଉତ, ବାବୁଲି ମଲିକ, ଅଶୁଂମାନ ରାଉତ, ସ୍ୱାଧୀନ ରାଉତ, ରାଜା ମଲିକ ଓ ଆକାଶ ମଲିକ ପ୍ରମୁଖ ସେମାନଙ୍କ ସମର୍ଥକଙ୍କ ସହିତ କଂଗ୍ରେସରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ଧର୍ମଶାଳା କଂଗ୍ରେସ ପ୍ରାର୍ଥୀ କିଷାନ ପଣ୍ଡା ଯୋଗଦେଇ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ବସନ୍ତ ପରିଡ଼ା, ପୂର୍ବତନ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ତରାଇ, ନକୁଳ ଜେନା, ଅମରେନ୍ଦ୍ର ସାମଲ ଓ ପ୍ରଭାତ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପୋଲିସକୁ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା: ୪ ଗିରଫ

**ଚଣ୍ଡିଖୋଲ, ୨୮।୫(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ କାଦୁଆ ମାଗୁରା ଗ୍ରାମରେ ପୋଲିସକୁ ଆକ୍ରମଣ କରାଯିବା ସହ ପୋଲିସ ଗାଡ଼ି ଭଙ୍ଗାରୁଜା କରାଯାଇଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦୁଆ ମାଗୁରା ଗ୍ରାମର ଅଶୋକ କୁମାର ମଲ୍ଲିକ, ବିଭୂତି ଭୂଷଣ ମଲ୍ଲିକ, ବିରଞ୍ଚି ନାରାୟଣ ସାମଲ ଓ ଜେନାପୁର ଥାନା ଅନ୍ତର୍ଗତ କାଇଞ୍ଚ ମାଳିଆ ଗ୍ରାମର ନିରଞ୍ଜନ ସାମଲ।

ପୋଲିସ ସୂଚନା ଅନୁଯାୟୀ, ସୋମବାର ରାତିରେ ଏକ ଗାଡ଼ିରେ ନିର୍ବାଚନ ପାଇଁ ଟଙ୍କା ଆସିଥିବା ସନ୍ଦେହ କରି କାଦୁଆ ମାଗୁରା ଗ୍ରାମରେ ଏକ କାର୍ (ଓଡି୦୪ୟୁ୨୦୬୬)କୁ ଲୋକେ ଅଟକାଇଥିଲେ। ଏହି ଟଙ୍କା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଖର୍ଚ୍ଚ ହୋଇଥାଆନ୍ତା। ଏ ସମ୍ପର୍କରେ ଖବର ପାଇବା ପରେ ବଡ଼ଚଣା ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ି ଭଙ୍ଗାରୁଜା କରିବା ସହ କେତେଜଣ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏନେଇ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଏସ୍‌ଆଇ ଜହର ଆବେଦିନ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଏତଲାକ୍ରମେ ପୋଲିସ ନଂ.୨୮୦।୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି।




ଭଙ୍ଗାରୁଜା ହୋଇଥିବା ପୋଲିସ ଗାଡ଼ି।

# କେଲୁଅ ନଦୀରେ ବୁଡ଼ି ବି.ଟେକ୍ ଛାତ୍ରଙ୍କ ମୃତ୍ୟୁ

**କାଏମା, ୨୮।୫(ଶିବ ପ୍ରସାଦ ମହାନ୍ତି):** ଗାଧୋଇବାବେଳେ ମଙ୍ଗଳବାର କେଲୁଅ ନଦୀରେ ବୁଡ଼ି ଜଣେ ବି.ଟେକ୍ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଧର୍ମଶାଳା ଥାନା ମିର୍ଜାପୁର ପଞ୍ଚାୟତ ମୁଣ୍ଡମାଳ ଗ୍ରାମର ପୁନେଶ୍ୱର ମହାନ୍ତିଙ୍କ ପୁଅ ସୌମ୍ୟରଞ୍ଜନ ମହାନ୍ତି(୨୨)। ସୌମ୍ୟ ଭୁବନେଶ୍ୱରର ଏକ ଘରୋଇ କଲେଜରେ ବି.ଟେକ ପଢୁଥିଲେ। ସୋମବାର ଗାଁକୁ ଆସିଥିଲେ। ମଙ୍ଗଳବାର ସାଙ୍ଗମାନଙ୍କ ସହ ନଦୀକୁ ଗାଧେଇବାକୁ ଯାଇଥିଲେ। ଗାଧୋଇବାବେଳେ ନଦୀର ଗଭୀର ସେ ଜାଣି ପାରି ନ ଥିଲେ। ଫଳରେ ତାଙ୍କ ଗୋଡ ଖସି ଯାଇଥିଲା। ଗ୍ରାମବାସୀ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଖବର ପାଇ ଧର୍ମଶାଳାର ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ଓ ସାମାଜିକ କର୍ମୀ ଆଲୋକ ଜେନା ସାମନ୍ତ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଅନ୍ୟପକ୍ଷରେ ଏହି ନଦୀରୁ ଅଧିକ ବାଲି ଉତ୍ତୋଳନ ପାଇଁ ତାଙ୍କର ଅକାଳ ମୃତ୍ୟୁ ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାସୁଦେବପୁର(ମୁଣ୍ଡମାଳ)ବାଲି ଘାଟରୁ ଆବଶ୍ୟକତାଠାରୁ ଅଧିକ ବାଲି ଉତ୍ତୋଳନ ଯୋଗୁ ନଦୀ ଗଭୀର ହୋଇଯାଇଛି। ଲୋକେ ନଦୀର ଭାଗମାପ ଜାଣି ପାରି ନ ଥିବାରୁ ଏଭଳି ଦୁର୍ଘଟଣାର ଶିକାର ହେବା ସମ୍ଭାବନା ରହିଛି। ଏହିପରି ଏହି ନଦୀରେ ଆହୁରି ଅନେକ ବାଲିଘାଟ ମନମୁଖି ଭାବେ ଦିନ ରାତି ଚାଲିଛି। ହାଇୱା, ଟ୍ରକ ଦ୍ୱାରା ଦିନ ରାତି ବାଲି ପରିବହନ କରାଯାଉଛି। ବେଆଇନ ବାଲି ଘାଟ ସହ ଲିଜ ଏରିଆ ବହାରୁ ବାଲି ଲୁଟ ହେଉଛି। ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି ହୋଇଛି।

**ବାଲିଘାଟ ପାଇଁ ଯାଉଛି ନିରୀହ ଜୀବନ**

# ମା’ ବିରଜାଙ୍କ ସାବିତ୍ରୀ ବ୍ରତ ପାଇଁ ପ୍ରସ୍ତୁତି ବୈଠକ

**ଯାଜପୁର ସଦର, ୨୮।୫(ସମର ବିଜୟ ସରଣ):**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ସାବିତ୍ରୀ ବ୍ରତ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସେବାୟତ ପରିଷଦ ଗୃହରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରଶାସନ ଓ ସେବାୟତ ପରିଷଦ ମଧ୍ୟରେ ହୋଇଥିବା ବୈଠକରେ ଶାନ୍ତି ଶୃଙ୍ଖଳାର ସହ ବ୍ରତ ପାଳନ ପାଇଁ ଆଲୋଚନା କରାଯାଇଛି।

ଜୁନ୍ ୬ ରେ ସାବିତ୍ରୀ ବ୍ରତ ପଡୁଥିବାରୁ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମନ୍ଦିରର ମୁଖ୍ୟ ପରିଚାଳକ ତଥା ଉପଜିଲାପାଳଙ୍କ ତରଫରୁ ସହକାରୀ ଜିଲାପାଳ ସୁକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସେବାୟତ ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ରହି ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ପୌରପାଳିକା, ଅନ୍ୟାନ୍ୟ ସେବା ସଂସ୍ଥାକୁ ପତ୍ର ମାଧ୍ୟମରେ ଜଣାଇଦେବାକୁ କହିଥିଲେ। ଆଲୋଚ୍ୟ ବିଷୟ ମଧ୍ୟରେ ମନ୍ଦିରରେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟ, ସେବାୟତ ବିନା ରସିଦରେ କରୁଥିବା ପୂଜା କାର୍ଯ୍ୟ, ଭିଆଇପି ରସିଦ୍ କଟାଯିବା, ନୀତି ପ୍ରସାଦର ଉନ୍ନତି ଓ ରସିଦ୍ କାଟିବା ବିଷୟ, ସୁନା ଗହଣା ସଫା, ଜାଳେଣି କାଠ, ନୂତନ ସୁନା ଗହଣା କ୍ରୟ ଓ ସେବାୟତମାନେ କର୍ମଚାରୀଙ୍କୁ ଉତ୍ତମ ବ୍ୟବହାର କରିବା ଆଦି ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସେବାୟତ ପରିଷଦ ସଭାପତି ଦେବୀପ୍ରସାଦ ପାଣି, କାର୍ଯ୍ୟକାରୀ ସଭାପତି ସୁକାନ୍ତ ପାଣି, ସମ୍ପାଦକ ସତ୍ୟନାରାୟଣ କର, ବଳରାମ ପାଣି-୧, ବଳରାମ ପାଣି-୨, ହୃଦାନନ୍ଦ ପାଣି, କୃପାସିନ୍ଧୁ ପାଣିଗ୍ରାହୀ, ରାମଚନ୍ଦ୍ର ପାଣି, ରାମେଶ୍ୱର ପାଣିଗ୍ରାହୀ, ରଞ୍ଜନ ପାଣି, ହିମାଂଶୁ ଶେଖର ପାଣି, ବିଷ୍ଣୁ ପାଣି-୨, ଧନଞ୍ଜୟ ପାଣି, ବିଜୟ ପାଣି-୧, ବିଜୟ ପାଣି-୨, ଶଶିଭୂଷଣ ପାଣି, ପ୍ରଦୀପ ପାଣି, ଶେଷଦେବ ପାଣି, ଦିଗାମ୍ବର ପାଣି, ସତ୍ୟରଞ୍ଜନ ପାଣି, କିଶୋର ପାଣି, ଜୟପ୍ରକାଶ ପାଣି, ପ୍ରକାଶ ପାଣି, ଭାଗୀରଥି ପାଣିଗ୍ରାହୀ, ଅଜୟ ପାଣିଗ୍ରାହୀ ଓ ନୃସିଂହ ପାଣିଙ୍କ ସମେତ ଅନ୍ୟ ସେବାୟତ ଉପସ୍ଥିତ ଥିଲେ। ମନ୍ଦିର ପ୍ରଶାସନ ତରଫରୁ ମଳୟ କୁମାର ପଣ୍ଡା, ପ୍ରଭାତ କୁମାର ପତି ଓ ନଗେନ୍ଦ୍ର ଭୂଷଣ କର ପ୍ରମୁଖ ଯୋଗଦେଇ ମତ ପ୍ରକାଶ କରିଥିଲେ।



ବୈଠକରେ ଯୋଗ ଦେଇଥିବା ସେବାୟତ ଓ ଅଧିକାରୀ।

# ଧର୍ମଶାଳାରେ ବଢୁଛି ପ୍ରାକ୍ ନିର୍ବାଚନୀ ହିଂସା

**କାଏମା, ୨୮।୫(ଶିବପ୍ରସାଦ ମହାନ୍ତି):**

ନିର୍ବାଚନ କମିଶନ ଶୃଙ୍ଖଳିତ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିବା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ପ୍ରାକ୍ ନିର୍ବାଚନୀ ହିଂସା ବଢ଼ିବାରେ ଲାଗିଛି। ଏଠାରେ ଏକାଧିକ ହିଂସାକାଣ୍ଡ ଘଟି ଅନେକ ଲୋକ ଆହତ ହୋଇଛନ୍ତି। ବହୁ ଗାଡ଼ି ଭଙ୍ଗାରୁଜା ହୋଇଛି। ସୋମବାର ସକାଳେ ଏହି ନିର୍ବାଚନମଣ୍ଡଳୀର ପାଖର ପଞ୍ଚାୟତରେ ପୋଷ୍ଟର ମରାକୁ କେନ୍ଦ୍ରକରି ରକ୍ତାକ୍ତ ଆକ୍ରମଣ ହୋଇଥିଲା। ଅପରାହ୍ନରେ ଧର୍ମଶାଳା ବିଜେଡି ବିଧାୟକ ପ୍ରାର୍ଥୀଙ୍କ ରାଲିରେ ସ୍କର୍ପିଓ ଚଢ଼ାଇ ଏକାଧିକ ଲୋକଙ୍କୁ ଆହତ କରିଥିଲେ ପୂର୍ବତନ ସରପଞ୍ଚ ଦିଲୀପ ବେହେରା। ପରେ ବିଜେଡି ସମର୍ଥକ ଦିଲୀପଙ୍କ କାର୍ଯ୍ୟାଳୟରେ ପଶି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ କରିଥିଲେ। ସେହିପରି ସନ୍ଧ୍ୟାରେ ସାମ୍ପାରୁ ପଞ୍ଚାୟତର କାଦୁଆ ମାଗୁରା ଗ୍ରାମରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ୧୨ନଂ. ଜୋନ୍ ଜିଲା ପରିଷଦ ସଦସ୍ୟାଙ୍କ ସ୍ୱାମୀ ପ୍ରହଲ୍ଲାଦ ଲେଙ୍କା ସେହି ଗ୍ରାମକୁ ଯାଇଥିବାବେଳେ ଟଙ୍କା ବାଣ୍ଟିବାକୁ ଆସିଥିବା ଅଭିଯୋଗ କରି ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କୁ ଗ୍ରାମର କେତେଜଣ ଲୋକ ଅଟକ ରଖିଥିଲେ। ପରେ ସେଠାରେ ବଡ଼ଚଣା ଓ ଜେନାପୁର ପୋଲିସ ପହଞ୍ଚି ବୁଝାଶୁଝା କରିବାକୁ ଚେଷ୍ଟାକରି ବିଫଳ ହେବାପରେ ପ୍ରହଲ୍ଲାଦ ସେଠାରୁ ଚମ୍ପଟ ମାରିଥିଲେ। ତେଣୁ ପୋଲିସ ତାଙ୍କୁ ଖସେଇ ଦେବା ଅଭିଯୋଗ କରି ଲୋକେ ପୋଲିସକୁ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୨ ପୋଲିସ କର୍ମଚାରୀ ଆହତ ହେବା ସହ ତିନି ପୋଲିସ ଗାଡ଼ି ଭାଙ୍ଗିଛି।

- **କାଏମାରେ ଦେଖାଦେଇଛି ଆଂଶିକ ଗଣ୍ଡଗୋଳ**
- **ପୋଲିସ ଓ ପ୍ରଶାସନ ପଦକ୍ଷେପ ନେବାକୁ ଦାବି**

ସେହିପରି ବଡ଼କାଏମା ପଞ୍ଚାୟତରେ ମଧ୍ୟ ହିଂସା ବଢୁଛି। ଗତ ରବିବାର ରାତିରେ କାଏମା ବଜାରରେ ମାରପିଟ ଭଳି ହୋଇଥିଲା। ମାତ୍ର ଏହା ବିରାଟ ରୂପ ନେବା ପୂର୍ବରୁ ଚାପି ହୋଇଯାଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଦିନତମାମ ଗାଡ଼ି ପଛକୁ ପଛ ପଠାଇ ଜୋର୍ ସୋର୍ ପ୍ରଚାର କରୁଛନ୍ତି ଏବଂ କର୍ମୀଙ୍କ ଦ୍ୱାରା ପୋଷ୍ଟର ମଧ୍ୟ ଲଗାଯାଉଛି। କିନ୍ତୁ କିଛି ସ୍ଥାନରେ ପୋଷ୍ଟର ଚିରିବା ଭଳି ଘଟଣା ସାମ୍ନାକୁ ଆସୁଛି। ପୋଷ୍ଟର ଲଗାଇବା ବାହାନାରେ ରାତି ତମାମ କେତେଜଣ ଅସାମାଜିକ ଯୁବକ ମଦ୍ୟପାନ କରି କାଏମା ଭଳି ବିଭିନ୍ନ ଅଞ୍ଚଳରେ ହଇଚଇ ସୃଷ୍ଟି କରୁଛନ୍ତି। ଏହା ଆଗମୀ ଦିନରେ ଗଣ୍ଡଗୋଳ ରୂପ ନେବା ଭଳି ଇସରା କରୁଥିବା ଅନୁମାନ କରାଯାଉଛି। ରାତିରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡି କରା ଯାଉ ନ ଥିବାର ଏଭଳି ସ୍ଥିତି ଉପୁଜୁଥିବା କୁହାଯାଉଛି। ଆଉ କିଛି ପଞ୍ଚାୟତରେ ସରପଞ୍ଚ ଓ ତାଙ୍କ ସ୍ୱାମୀମାନେ ଗୁଣ୍ଡା ରାଜ କରୁଥିବା ଅଭିଯୋଗ ହୋଇଛି। ଗାଁକୁ କୌଣସି ପ୍ରାର୍ଥୀ ପ୍ରଚାର କରିବାକୁ ଯିବା ପୂର୍ବରୁ ସେମାନେ ଗାଁରେ ନପୂରେଇ ଦେବାକୁ ଯୋଜନା କରୁଛନ୍ତି। ସେହିପରି ଯଦି କେହି କୌଣସି ପ୍ରାର୍ଥୀଙ୍କୁ ସ୍ୱାଗତ କରୁଛନ୍ତି ପରେ ତାଙ୍କ ଉପରେ ନାନା ଚାପ ପକାଉ ଥିବା ଶୁଣିବାକୁ ମିଳିଛି। ଏଥିପାଇଁ ପ୍ରାର୍ଥୀଙ୍କ ଉଭୟ ସପକ୍ଷ ଓ ବିପକ୍ଷଙ୍କ ମଧ୍ୟରେ କଥାକଟା କଟି ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହା ଆଗକୁ ବିରାଟ ଗଣ୍ଡଗୋଳ ରୂପ ନେବା ନେଇ ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ତେଣୁ ଏହା ଉପରେ ପୋଲିସ ଓ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି।

# 'ପାରାଦୀପରୁ ଚାନ୍ଦବାଲି ମଧ୍ୟରେ ଶିଳ୍ପ କରିଡର ହେବ'

## ଜମ୍ବୁରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସମାବେଶ

ମହାକାଳପଡ଼ା, ୨୮।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଜମ୍ବୁ ହାଟ ପଡ଼ିଆଠାରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଜମ୍ବୁରେ ଭାଜପାର ବଡଧରଣର ସଭା ଦେଖୁ ବେଶ ଖୁବ୍ ଖୁସି ଲାଗିଲା। ପାରାଦୀପ-ହରିଦାସପୁର ରେଳଲାଇନ ଦୋହରିକରଣ ହେବ। ଏହି ଲାଇନ୍‌ରେ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ପାଇଁ ପାସେଞ୍ଜର ଟ୍ରେନ ଚାଲିଲା। ପାରାଦୀପ-ଧାମରା ଭାୟା ଚାନ୍ଦବାଲି ନୂଆ ଟ୍ରେନ ଲାଇନ ହେବ। ପାରାଦୀପ-ଧାମରା ବୃହତ ଶିଳ୍ପ କରିଡ଼ର ହେବ। ରାଜ୍ୟରେ ୧୫ ଲକ୍ଷ ନୂତନ ପକ୍କା ଗୃହ ଗରିବ ଲୋକଙ୍କୁ ପ୍ରଦାନ କରାଯିବ। କେନ୍ଦ୍ରାପଡ଼ାକୁ ବନ୍ଦେ ଭାରତ ଟ୍ରେନ ଚାଲିବ। କେନ୍ଦ୍ର ସରକାର ନାଗରିକ ସଂଶୋଧନ ଆଇନ କାର୍ଯ୍ୟକାରୀ କରିବେ। ଏହି ଅଞ୍ଚଳ ଲୋକଙ୍କର ଜମି ସମସ୍ୟା ହଟିବା ସହ ପଟ୍ଟା ପ୍ରଦାନ କରାଯିବ। ମହିଳାମାନେ ସୁଭଦ୍ରା ଯୋଜନା ଖୁବ୍ ଫାଇଦା ଦେବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକାଶର ଗ୍ୟାରେଣ୍ଟି ଗାଁ ଗାଁରେ ପହଞ୍ଚାଇବା ପାଇଁ କେନ୍ଦ୍ର ରେଳମନ୍ତ୍ରୀ ବୈଷ୍ଣବ ଆହ୍ୱାନ ଦେବା ସହ ସାଂସଦ ପ୍ରାର୍ଥୀ ପଣ୍ଡା ଓ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସେହିପରି ତ୍ରିପୁରା ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ ଦେବ ୨୪ ବର୍ଷର ରାଜ୍ୟ ସରକାର ଲୋକଙ୍କ କାମ କରିନି। ଲୋକଙ୍କ ପାଇଁ ଆସୁଥିବା କେନ୍ଦ୍ରୀୟ ଯୋଜନା ବାଟବଣା ହେଉଛି। ରାଜ୍ୟରେ ଡାକ୍ତର ଅଭାବ ରହିଛି ତାହାର ସମାଧନା କରାଯିବ ବୋଲି ଦେବ କହିଥିଲେ। ଅପରପକ୍ଷରେ ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଜୁନ୍ ୧୦ ତାରିଖରେ ଓଡ଼ିଶାରେ ଭାଜପା ସରକାର ହେବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଗ୍ୟାରେଣ୍ଟି ୪୦୦ପାର ହେବ। ରାଜ୍ୟ ସରକାର ୨୪ ବର୍ଷରେ ଓଡ଼ିଶାକୁ ଲୁଟିଲେ। ଓଡ଼ିଶାରେ ଓଡ଼ିଆ ପୁଅ ହେବେ ମୁଖ୍ୟମନ୍ତ୍ରୀ ବୋଲି ପଣ୍ଡା ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ଭାଜପା ମୁଖପାତ୍ର ଜ୍ଞାନଦେବ ବେଉରା, ବିକ୍ରମ କେଶରୀ ରାଉତ, ନାରୀନେତ୍ରୀ ଜାନକୀ ପ୍ରଧାନ, ସରୋଜ କୁମାର ସାହୁଙ୍କ ସମେତ ବହୁସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଭାଜପା ଯୁବନେତା ଶରତ କୁମାର ମହାନ୍ତି ବିଜୟ ସଂକଳ୍ପ ସମାବେଶକୁ ସଂଯୋଜନା କରିଥିଲେ। ଏହି ସମାବେଶରେ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



ସମାବେଶରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଭାଜପା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ଅନ୍ୟମାନେ।

# 'ଅଂଶୁମାନ୍, ଅତନୁଙ୍କ ବୀଣାପାଣିଠାରୁ ଜମ୍ବୁ ରୋଡ୍ ଶୋ'



ମହାକାଳପଡ଼ା, ୨୮।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଏକ ବିଶାଳ ରୋଡ୍ ଶୋ ବୀଣାପାଣିଠାରୁ ଜମ୍ବୁ ପର୍ଯ୍ୟନ୍ତ ହୋଇଥିଲା। ଏହି ରୋଡ୍ ଶୋ'ରେ କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇଥିଲେ। ବିଭିନ୍ନ ସ୍ଥାନରେ ମହିଳା ସଙ୍ଗଠନ ପକ୍ଷରୁ ଉଭୟ ପ୍ରାର୍ଥୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜଗଡ, ଓଳିଆ, କୁମ୍ଭାରୁଣି, ଓରତ, ଦେଉଳପଡ଼ା, ମେରଦା, ରାମଜଣି, ବିଜୟନଗର, ବଡିଡ଼ି, ବାବର, ଗୋଗୁଆ, ଖରିଅଣ୍ଟା, ଦଉପୁର, ଜଗରି ଜୋର ହାଟ, ବେଣାକନ୍ଧା, ମିଳନ ମୋଡ଼, ଭାଟେଣୀ ସମେତ ବିଭିନ୍ନ ସ୍ଥାନରେ ୨ ପ୍ରାର୍ଥୀ ଅଂଶୁମାନ ଓ ଅତନୁଙ୍କ ପଥପ୍ରାନ୍ତ ସଭାରେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏହି ରୋଡ ଶୋ ଯୁବନେତା ଦେବଦତ୍ତ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା।

# 'ରାଜକନିକାରେ ବିଜେଡିର ରୋଡ୍ ଶୋ'

## ସାମିଲ ହେଲେ ସାଂସଦ ପ୍ରାର୍ଥୀ ଅଂଶୁମାନ, ବିଧାୟକ ପ୍ରାର୍ଥୀ ପ୍ରତାପ

ରାଜକନିକା, ୨୮।୫(ସଞ୍ଜୟ କୁମାର ଦାଶ)



ଆଳି ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରଚାରକୁ ଜୋରଦାର କରିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ନିର୍ବାଚନମଣ୍ଡଳୀର ରାଜକନିକା ବ୍ଲକରେ ଆଳି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ରୋଡ୍ ଶୋ କରି ଶକ୍ତି ପ୍ରଦର୍ଶନ କରି ନିଜ ସପକ୍ଷରେ ଭୋଟ ମାଗିଥିଲେ। ସକାଳ ୮ଟାରୁ ଖରସ୍ରୋତା ସେତୁ ନିକଟରୁ ବିଶାଳ ବାଇକ୍ ରୋଡ୍ ଶୋ ମାଧ୍ୟମରେ ଚନ୍ଦନ ପୋଖରୀ ଛକ, ନହୁଲିଆ ଛକ, ଆୟତନ, କାଟଣା, କୋଇଲିପୁର, ଜୟନଗର, ବରାଡିଆ, ମଧୁବନ, ତରାସ, କଣ୍ଟାପଡ଼ା ବଜାର, ଗଞ୍ଜା, ଓଳାଭର ମାର୍କେଟ, ପେଗରପଡ଼ା, ସିହୋପଡ଼ା, ଦେଉଳତରା, ନମତରା, କଣ୍ଡିଆ, ଚରପଡ଼ା, ଅବଦୁଲପୁର, ହାଟସାହି, ନହୁଣୀ, ନୂଆଗାଁ, ବହଡିହ ହୋଇ ଜାଗୁଳାଇପଡ଼ା ହନୁମାନ ଛକଠାରେ ଶେଷ ହୋଇଥିଲା। ଏହି ବିଶାଳ ରୋଡ୍ ଶୋ'ରେ ବରିଷ୍ଠ ନେତା ବିକାଶ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଯୁବ ସଙ୍ଗଠକ ପବିତ୍ର ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ଆମ୍ ଆଦ୍‌ମୀ ପାର୍ଟି ହିଁ ରାଜ୍ୟରେ ସୁଶାସନ ଦେଇପାରିବ

କେନ୍ଦ୍ରାପଡ଼ା,୨୮।୫ (ଜଗନ୍ନାଥ ଧଳ)

ଚଳିତ ସାଧାରଣ ନିର୍ବାଚନ ପାଇଁ ଜିଲା ଆମ ଆଦମୀ ପାର୍ଟି ପକ୍ଷରୁ ପ୍ରସ୍ତୁତି ଯୋରଦାର ହୋଇଛି। ଜିଲାର ସମ୍ବେଦନଶୀଳ ମହାକାଳପଡ଼ା, ପାଟକୁରା ଓ ମାହାଙ୍ଗା ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଦେଇଛି। ଆମ ଆଦମୀ ପାର୍ଟିର ଇସ୍ତାହାରରେ ତୃଣମୂଳସ୍ତରର ଲୋକଙ୍କ ସମସ୍ୟାର ସମାଧାନ ରହିଛି। ଆମ ଆଦମୀ ପାର୍ଟି ହିଁ ଓଡ଼ିଶାରେ ସୁଶାସନ ଦେଇପାରିବ ବୋଲି ପାର୍ଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ସହର ସାମସୁନ୍ଦରପୁରଗଡା ସ୍ଥିତ କାର୍ଯ୍ୟାଳୟ ପରିସରରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଠାରେ ରାଜ୍ୟ ସଭାପତି ମହାପାତ୍ର କହିଥିଲେ ଯେ, ପାର୍ଟି ପକ୍ଷରୁ ଜିଲାର ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଇଂ. ଦେବାଶିଷ ଦାସ, ପାଟକୁରା ପ୍ରାର୍ଥୀ ଅଶୋକ କୁମାର ତ୍ରିପାଠୀ ଓ ମାହାଙ୍ଗା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଭାବେ ଇଂ. ଶାରଦା ପ୍ରସାଦ ଦାଶଙ୍କୁ ଉପସ୍ଥାପିତ କରାଯାଇଛି। ଇଂ. ଦେବାଶିଷ ଛାତ୍ର ଜୀବନରୁ ମହାକାଳପଡ଼ାର ବିକାଶ ପାଇଁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ି ସେବା କରି ଚାଲିଛନ୍ତି। ଭାରତ ବାହାରେ ରହି ମଧ୍ୟ ତାଙ୍କ ଏହି ଅନୁଷ୍ଠାନ ତୃଣମୂଳସ୍ତରର ଲୋକଙ୍କ ନିକଟରେ ପହଞ୍ଚି ବିଭିନ୍ନ ସମସ୍ୟାର ସମାଧାନ କରୁଛନ୍ତି। ବିଧାୟକ ଭାବେ ଇଂ. ଦାସ ନିର୍ବାଚିତ ହେଲେ ଏହି କ୍ଷେତ୍ରର ବିକାଶ ହୋଇ ପାରିବ। ଇଂ. ଦାସଙ୍କୁ ବିଧାୟକ ଭାବେ ନିର୍ବାଚିତ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ରାଜ୍ୟ ସଭାପତି ଦିଲ୍ଲୀ ଓ ପଞ୍ଜାବର ଆମ ଆଦମୀ ପାର୍ଟି ସରକାରର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍ ସଂସ୍କାର ବିଭିନ୍ନ ରାଜ୍ୟ ପାଇଁ ରୋଲ ମଡେଲ ସାଜିଥିବା ପ୍ରକାଶ କରିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ସନ୍ଦୀପ୍ତ ଦାସ, ଜିଲା ପ୍ରଭାରୀ ସୂର୍ଯ୍ୟକାନ୍ତ ପରିଡା, ମହାକାଳପଡା ପ୍ରାର୍ଥୀ ଇଂ. ଦାସ, ମିଡିଆ ସଂଯୋଜକ ବାନାମ୍ବର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଧ୍ରୁବଙ୍କ ପାଇଁ ପ୍ରଚାରକଲେ ସିନେ ତାରକା

## ରୋଡ୍ ଶୋ'ରେ ଗାଁକୁ ଗାଁ ବୁଲିଲେ ସବ୍ୟସାଚୀ, ଅର୍ଚ୍ଚିତା, ଏଲିନା

ରାଜନଗର, ୨୮।୫(ଭାସ୍କର ରାଉତରାୟ)



ସାଧାରଣ ନିର୍ବାଚନ ଲାଗି ବିଭିନ୍ନ ଦଳର ପ୍ରାର୍ଥୀମାନେ ସେମାନଙ୍କ ନିର୍ବାଚନ ପ୍ରଚାରର ରଣକୌଶଳ ପରିବର୍ତ୍ତନ କରିଛନ୍ତି। ମଙ୍ଗଳବାର ରାଜନଗର ନିର୍ବାଚନମଣ୍ଡଳୀ ୩୨ ନଂ. ଜୋନର ରଙ୍ଗଣୀ, କେରୁଆଁପାଳ, ବାଘମାରି, ତାଳଚୁଆ ପ୍ରଭୃତି ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ପାଇଁ ରୋଡ ଶୋ' ମାଧ୍ୟମରେ ସିନେ ତାରକାମାନେ ଲୋକଙ୍କୁ ଭୋଟ ଭିକ୍ଷା କରିଛନ୍ତି। ଏଥିରେ ଓଲିଉଡ ଷ୍ଟାର ସବ୍ୟସାଚୀ, ଅର୍ଚ୍ଚିତା ଓ ରାଜ୍ୟ ବିଜେଡିର ମହାସଚିବ ଏଲିନା ଦାସ ସାମିଲ ହୋଇଥିଲେ। ସକାଳ ୯ଟାରେ ତାଳଚୁଆ ପଞ୍ଚାୟତ ଡାଲକାଇ ଛକରୁ ଏକ ବାଇକ୍ ରାଲି ଭେଙ୍କ୍ଟା, ରଙ୍ଗଣୀ ବଜାର, ପଟ୍ଟାପାରିଆ, ଗୁମୁରା, ଚାଆଁରାକୋଲ୍ଲା, କେରୁଆଁପାଳ, ପ୍ରଭାତୀ, ବନିପାଳ, ଅହିରାଜପୁର ଦୋଳସାହି, ଅନନ୍ତକେଶରୀ, ବାଘମାରି, ରାଧାମାଳିପୁର, ମଞ୍ଜୁଳାପଲ୍ଲୀ, ଖାସମୁଣ୍ଡା, ହାତିଆଗଣ୍ଡ, ଭଞ୍ଜପ୍ରସାଦ, ଟିକାୟତନଗର, ତାଳଚୁଆ ପ୍ରଭୃତି ଗାଁ ପରିକ୍ରମା କରିଥିଲେ। ଏହି ୪ଟି ପଞ୍ଚାୟତ ବିଜେଡିର ଗଡ ଭାବେ ପରିଚିତ। ଏହି ରୋଡ ଶୋରେ ବିଜେଡିର ବିଧାୟକ ପ୍ରାର୍ଥୀ ସାହୁ ଭୋଟ ଭିକ୍ଷା କରିବା ସହ ରାଜନଗରର ବିକାଶ ରଥକୁ ଆଗକୁ ନେବା ପାଇଁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ଏଥିରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଯୁବନେତା ଅରବିନ୍ଦ ଦେବନାଥ, ମଦନ ଦେବନାଥ, ରଙ୍ଗଣୀ ସରପଞ୍ଚ ଲୋପାମୁଦ୍ରା ଜେନା, କେରୁଆଁପାଳ ସରପଞ୍ଚ ସପନ ପରିଡା, ବାଘମାରି ସରପଞ୍ଚ ଭବାନୀ ପାତ୍ର, ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ମଧୁସୂଦନ ପ୍ରଧାନ, ବିଜେଡି ନେତା ବିଜୟ ନାୟକ, ସପନ ସାହୁ, ବଳରାମ ମଣ୍ଡଳ, ସୁଧୀର ପାଳ, ରାଖାଲ ଚନ୍ଦ୍ର ପାତ୍ର, ସୁକଦେବ ପ୍ରଧାନ, ମୁକ୍ତିକାନ୍ତ ପାତ୍ର, ଦିଲୀପ କୁମାର ପଣ୍ଡା, ଅମଳ କୁମାର ପ୍ରଧାନ, ଦେବୁ ମଣ୍ଡଳ, ରଘୁନାଥ ବେହେରା, ରମାକାନ୍ତ ବେହେରା ପ୍ରମୁଖ ଏହି ରୋଡ ଶୋରେ ସାମିଲ ହୋଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରେମାନନ୍ଦ


@ ସିଦ୍ଧାର୍ଥ


@ ସ୍ୱର୍ଣ୍ଣପ୍ରଭା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବସ୍ ଧକ୍କାରେ ସ୍କୁଟି ଚାଳକ ମହିଳାଙ୍କ ମୃତ୍ୟୁ

ଡେରାବିଶ, ୨୮।୫(ବେବର୍ତ୍ତା ଅଜୟ ଦାସ)

କଟକ-ଚାନ୍ଦବାଲି ରାଜପଥର କେନ୍ଦ୍ରାପଡ଼ା ସଦର ଥାନା ଅଧୀନରେ ଥିବା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ବଜାର ନିକଟରେ ମଙ୍ଗଳବାର ସକାଳେ ଓଏସ୍ଆର୍‌ଟିସି ବସ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ଜଣକ ହେଉଛନ୍ତି ସାଲେପୁର ଥାନା ଅଧୀନ ଭାତପଡ଼ା ଗ୍ରାମର ଚନ୍ଦନ ପଟ୍ଟନାୟକଙ୍କ ସ୍ତ୍ରୀ ପ୍ରିୟଙ୍କା ରାଉତରାୟ (୨୬)।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳରୁ ମଙ୍ଗଳବାର ସକାଳେ କଟକ ଅଭିମୁଖେ ଓଏସ୍ଆର୍‌ଟିସି ବସ୍ ଆସୁଥିଲାବେଳେ ବିପରୀତ ଦିଗରୁ ଏକ ସ୍କୁଟି ଯୋଗେ ପ୍ରିୟଙ୍କା ଭାତପଡ଼ାରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲେ। ଏହି ସମୟରେ ସାମ୍ନାପଟୁ ଆସୁଥିବା ବସ୍‌କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରିୟଙ୍କା କେନ୍ଦ୍ରାପଡ଼ା ଜିଲାରେ ଏକ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ସକାଳୁଆ ଅଫିସରେ ଯୋଗ ଦେବା ପାଇଁ ପ୍ରତିଦିନ ଭଳି ମଙ୍ଗଳବାର ମଧ୍ୟ ଯାଉଥିଲେ। ଏହି ଦୁର୍ଘଟଣା ପରେ କିଛି ସମୟ ପାଇଁ ରାସ୍ତାରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଖବରପାଇ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଦୁର୍ଘଟଣାଗ୍ରସ୍ତ ବସ୍ ଓ ସ୍କୁଟିକୁ ଜବତ କରିବା ସହ ପ୍ରିୟଙ୍କାଙ୍କ ମୃତଦେହକୁ ଜବତ କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ଡେରାବିଶରେ ସାଂସଦ ମୁନା ଖାଁଙ୍କ ନିର୍ବାଚନ ପ୍ରଚାର

ଡେରାବିଶ,୨୮।୫ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ଅଞ୍ଚଳରେ ରାଜ୍ୟ ସଭା ସାଂସଦ ମୁନ୍ନା ଖାଁ ମଙ୍ଗଳବାର କେନ୍ଦ୍ରାପଡ଼ା ସାଂସଦ ଓ ପାଟକୁରା ବିଧାୟକ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ଅବସରରେ ସାଂସଦ ଖାଁ ପ୍ରଥମେ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତର ମୁସଲମାନ ସାହିସ୍ଥିତ ସୟଦ ଜମାଲ ଶାହା ପୀର ବାବାଙ୍କ ଦର୍ଶନ କରି ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ପରେ ସାହିର ପ୍ରତ୍ୟେକ ପରିବାରକୁ ଭେଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଂଖ୍ୟାଲଘୁ ସମ୍ପ୍ରଦାୟର ଉନ୍ନତି ପାଇଁ କରିଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଜୁନ ୧ରେ ଅନୁଷ୍ଠିତ ହେବାକୁ ଥିବା ମତଦାନରେ ଲୋକ ସଭା ପ୍ରାର୍ଥୀ ଅଂଶୁମାନ୍ ମହାନ୍ତି ଓ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କ ସପକ୍ଷରେ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଜୁନ୍ ୯ ତାରିଖରେ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଓ ସରକାର ଗଠନ ପରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଉନ୍ନତି ପାଇଁ ତାଙ୍କ କାର୍ଯ୍ୟ ଜାରି ରଖିବେ। ଏହି ଅବସରରେ ସାଂସଦ ଖାଁ ଉତ୍କଳ ଗ୍ରାମୀଣ ପ୍ରତ୍ୟୁସର ଗ୍ରୁପ୍ କାର୍ଯ୍ୟାଳୟରେ ପହଞ୍ଚି ବହୁ ସଂଖ୍ୟାରେ ଉପସ୍ଥିତ ଥିବା ମହିଳାମାନଙ୍କୁ ଭେଟି ବିଜେଡିର ଉଭୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ସାଂସଦ ଖାଁଙ୍କ ଏହି ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାହାଜାହାନ ଖାଁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ବିପିନ ବିହାରୀ ସାହୁ, ସରପଞ୍ଚ କାଶୀନାଥ କାଣ୍ଡି, ସୋଲେମାନ ଖାଁ, ସୟଦ ଅରମାନ ଅଲ୍ଲୀ, ଲୋକମାନ ଖାଁ, ଅବଦୁଲ ଆହାଦ ଖାଁ, ସୟଦ ଅଝର ଅଲ୍ଲୀ, ନାଜର ଅଲ୍ଲୀ, ପ୍ରତ୍ୟୁସର ଗ୍ରୁପ ସମ୍ପାଦିକା ରେଶମା ବେଗମ, ସଭାନେତ୍ରୀ ଲେସାତୁନ ବିବି ଓ ରିଜୁଆନା ପରଭିନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜ୍ୟସଭା ସାଂସଦ ଖାଁ ପଲେଇ ପଞ୍ଚାୟତ ଅଧୀନ ସବଳଙ୍ଗ କଣିପଡା, କୁରୁଜଙ୍ଗା ପଞ୍ଚାୟତ ଅଧୀନ ମନ୍ତ୍ରୀପଡା, କୁଣ୍ଡିଆପାଳ ପଞ୍ଚାୟତ ଅଧୀନ ହଳଦିଆ ଓ ଗୁଆଳସିଂ ପଞ୍ଚାୟତ ଅଧୀନ ମୋଗଲବାଗ ମୁସଲମାନ ସାହିରେ ବିଜେଡିର ଉଭୟ ପ୍ରାର୍ଥୀଙ୍କ ପାଇଁ ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ସାଂସଦଙ୍କ ଏହି ପ୍ରଚାର ଅଭିଯାନ କାର୍ଯ୍ୟକ୍ରମରେ କୁରୁଜଙ୍ଗା ପଞ୍ଚାୟତର ଯୁବ ନେତା ସତ୍ୟରଞ୍ଜନ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ମନ୍ତ୍ରୀପଡା ବସ୍ତିସର୍ଦ୍ଦାର ସେକ୍‌ନବୀ, ଅନସର ଖାଁ, ତରଣୀ ସାହୁ ଓ ଅଭିମନ୍ୟୁ ରାଉତ ପ୍ରମୁଖ ସାମିଲ ରହିଥିଲେ।

# ପୁଅ ଅରବିନ୍ଦଙ୍କ ପାଇଁ ପ୍ରଚାରକଲେ ବିଜୟ

ଡେରାବିଶ,୨୮।୫ (ବେବର୍ତ୍ତା ଅଜୟ ଦାସ)


ସଂଖ୍ୟାଲଘୁ ସମାବେଶରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ପୁଅ ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦଙ୍କ ପାଇଁ ପ୍ରଚାର କରୁଛନ୍ତି।

## ବାଲିଆରେ ବିଜେଡିର ସଂଖ୍ୟାଲଘୁ ସମାବେଶ

କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅଧୀନ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଜୁନ ୧ ତାରିଖ ମତଦାନ ହେବ। ଏଥିପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ସେମାନଙ୍କ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକୁ ଜୋରଦାର କରାଯାଇଛି। ଏହି ଉପଲକ୍ଷେ ସୋମବାର ରାତିରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତର ବାଲିଆ ମସ୍‌ଜିଦ ନିକଟସ୍ଥ ପ୍ରାଙ୍ଗଣରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାହି ମୁରବି ମୌଲାନା କୁଦ୍ଦୁସ ସାହେବଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଯୋଗଦେଇ ନବୀନ ସରକାର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପାଇଁ କରିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଚଳିତ ନିର୍ବାଚନରେ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ୍ ମହାନ୍ତି ଏବଂ ପାଟକୁରା ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ସୁପୁତ୍ର ଅରବିନ୍ଦ ମହାପାତ୍ରଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ମତଦାନ କରି ନିର୍ବାଚିତ କରିବାକୁ ମହାପାତ୍ର ସମସ୍ତଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସଂଖ୍ୟାଲଘୁ ନେତା ସାହାଜାନ ଖାଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ଦଳୀୟ ଜିଲା ସମ୍ପାଦକ ମହେନ୍ଦ୍ର କୁମାର ସିଂହ, ସ୍ଥାନୀୟ ବାଲିଆ ପଞ୍ଚାୟତ ସରପଞ୍ଚ ପ୍ରବୀର କୁମାର ସିଂହ, ଗୋଲରାହାଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ଯୁବ ନେତା ସୁଜିତ ବଳ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଏହି ସମାବେଶରେ ବାଲିଆ ବସ୍ତିର ସର୍ଦ୍ଦାର ବରକାତୁଲ୍ଲା ଖାଁ, ନାଏବ ସର୍ଦ୍ଦାର କେରାମତ ଖାଁ, ମୁରବି ମହମ୍ମଦ ଜାବିର ଖାଁ, ମୁମୁତାଜ ଖାଁ, ଆମୀର ଖାଁଙ୍କ ସମେତ ଯୁବକ ମହମ୍ମଦ ଅଜିଜ, ମହମ୍ମଦ ଅସଲମ ଓ ସାବିର ଖାଁ, ପୂର୍ବତନ ସରପଞ୍ଚ ଭବାନୀ ଶଙ୍କର ଭୋଇ, ଅନନ୍ତ ବେହେରା, ତ୍ରିଲୋଚନ ରାଉତ, ହୃଷୀକେଶ ସାହୁ, ଅନିରୁଦ୍ଧ ରାଉତ, ଅକ୍ଷୟ ମହାନ୍ତିଙ୍କ ସମେତ ଶତାଧିକ ସଂଖ୍ୟାରେ ବସ୍ତିର ମହିଳାପୁରୁଷମାନେ ଉପସ୍ଥିତ ରହିଥିଲେ। ଶେଷରେ ଗ୍ରାମ ଯୁବକ ମହମ୍ମଦ ଅଖତର ଧନ୍ୟବାଦ ଦେଇଥିଲେ।

# ଦଶପଲ୍ଲାରେ ତାଣ୍ଡବ ରଚିଲା କାଳବୈଶାଖୀ






କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଘର, ଭାଙ୍ଗିପଡିଥିବା ଗଛ ଓ ବିଦ୍ୟୁତ୍ ଖୁଣ୍ଟ ।

ଦଶପଲ୍ଲା,୨୮।୫( ପ୍ରକାଶ କୁମାର ପାଣି):

ଗତ କିଛି ବର୍ଷ ମଧ୍ୟରେ ଏଭଳି କାଳ ବୈଶାଖୀ ହୋଇ ନ ଥିଲା । ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଆରମ୍ଭ ବର୍ଷା ସହିତ ପବନ,ଘଡ଼ଘଡ଼ି। ପବନର ବେଗ ଆନୁମାନିକ ୬୦ରୁ ୭୦ କି.ମି.ଥିଲା । ଫଳରେ ବହୁ ଗଛ ଭାଙ୍ଗିବା ସହିତ ଶତାଧିକ ଘରର ଛପର ଉଡ଼ାଇ ନେଇଛି । ବହୁ କଚ୍ଚା ଘର ମଧ୍ୟ ଭାଙ୍ଗିଯାଇଛି । ବିଶେଷ କରି ବାରପୁରିକିଆ ଛକରେ ଛୋଟ ଜଳଖିଆ ଦୋକାନ ଟିଏ କରି ନିଜର ପରିବାର ପୋଷୁଥିବା ରଞ୍ଜନ ସାହୁଙ୍କ ଦୋକାନର ୨ବଖରା ଟିଣ ଛାତ ସମ୍ପୂର୍ଣ୍ଣ ଓଲଟି ପଡ଼ିଛି । ସେହିଭଳି ଅମଲାପଡା ଅନୂପ ଦାସଗୁପ୍ତଙ୍କର ନଡ଼ିଆ, ଶାଗୁଆନ ଗଛ ଭାଙ୍ଗିଯିବା ସହ ଘରର କିଛି ଅଂଶ ଭାଙ୍ଗି ଯାଇଛି। ଜିତୁ ଜେନାଙ୍କ ଘର, ଗଛ, ଥାନା ଗେଟ୍,କଚେରୀ ପାଖ ଅଞ୍ଚଳର ବହୁ ଘର ଭାଙ୍ଗି ପଡ଼ିଛି । ୫୭ନଂ. ଜାତୀୟ ରାଜପଥର କେତେକ ସ୍ଥାନ, ରାଧାମୋହନ ଜୀଉ ନୋଡାଲ ହାଇସ୍କୁଲ ପାଖ ଆଦି ବହୁ ସ୍ଥାନରେ କାଳ ବୈଶାଖୀ ତାଣ୍ଡବ ରଚିଛି । ହାଇସ୍କୁଲର ଶ୍ରେଣୀ ଗୃହ ଭାଙ୍ଗିଯାଇଛି । ବ୍ଲକଠାରୁ ତ୍ରିନାଥ ବଜାର ମଧ୍ୟରେ ଗଛ ଭାଙ୍ଗି ଜାତୀୟ ରାଜପଥରେ ପଡିଥିଲା। ଫଳରେ କିଛି ସମୟ ପାଇଁ ସେହି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ଦମକଳ କର୍ମଚାରୀ ଏବଂ ଜନସାଧାରଣଙ୍କ ଉଦ୍ୟମରେ ରାସ୍ତା ସଫା ହେବାପରେ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା ।

କାଳ ବୈଶାଖୀ ପ୍ରଭାବରେ ବିଦ୍ୟୁତ୍ ଓ ମୋବାଇଲ ସେବା ବନ୍ଦ ରହିଛି । ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ କୁଆପଥର ସହ ବର୍ଷା ହୋଇଥିଲା । ବଡ଼ ବଡ଼ ଗଛ ୫୭ନଂ. ଜାତୀୟ ରାଜପଥ ଉପରେ ଉପୁଡ଼ି ପଡ଼ିବାରୁ ଗମନା ଗମନ ବନ୍ଦ ହୋଇଥିଲା । ଟାକେରା ଅଞ୍ଚଳରେ ଏକ ଘଣ୍ଟା ଧରି ଗାଡ଼ି ଚଳାଚଳ ବନ୍ଦ ରହିଥିବା ବେଳେ ଉଭୟ ପାର୍ଶ୍ୱରେ ସମସ୍ତ ଗାଡ଼ି ମୋଟର ଅଟକି ରହିଥିଲା । ଖବର ପାଇ ସ୍ଥାନୀୟ ଯୁବକମାନେ ପହଞ୍ଚି ଗଛକାଟି ରାସ୍ତା ସଫା କରିବା ପରେ ଗାଡ଼ି ଚଳାଞ୍ଚଳ ସ୍ୱାଭାବିକ ହୋଇଥିଲା । ବୁଗୁଡା କଲୋନୀ, ତିଳାବାଡି, ଗୁଡିଆ ସାହି ଗ୍ରାମର ଶରତ ନାୟକ, ତିଳାବାଡି ଗ୍ରାମର ନୀଳାମ୍ବର ନାୟକ, ବୁଗୁଡା କଲୋନୀ ଗ୍ରାମର ଦୁର୍ଯ୍ୟୋଧନ ମଳିକ, ରମାକାନ୍ତ ମଳିକ, ଉପେନ୍ଦ୍ର ପ୍ରଧାନଙ୍କ ବାସଗୃହ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ସହିତ ଆସବାବପତ୍ର ଓ ଗଚ୍ଛିତ ଖାଦ୍ୟଦ୍ରବ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପ୍ରେମାନନ୍ଦ



@ ସିଦ୍ଧାର୍ଥ



@ ସ୍ୱର୍ଣ୍ଣପ୍ରଭା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଇକ୍ ସହ ୩ କେଜି ଗଞ୍ଜେଇ ଜବତ
### ଜେଲ ଗଲେ ଅଭିଯୁକ୍ତ

ନୟାଗଡ଼,୨୮।୫(ଲୋକନାଥ ମିଶ୍ର):

ନୟାଗଡ଼ ଅବକାରୀ ବିଭାଗର କର୍ମଚାରୀମାନେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ମାଙ୍କପଲ୍ଲୀରୁ ବାଇକ୍ ସହ ୩ କେଜି ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜାମିନ ନାମଞ୍ଜୁର ପରେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡମପଦର ଗାଁର ତଳା ଦିଗଲ(୨୮)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଫିରିଙ୍ଗିଆ ଥାନା ଡମପଦର ଗାଁର ତଳା ଦିଗଲ ନିଜ ବାଇକ୍(ନଂ.ଓଡି୧୨ଏ୨୦୯୫)ରେ ଗଞ୍ଜେଇ ନେଇ କନ୍ଧମାଳରୁ ନୟାଗଡ଼ ଆସୁଥିଲେ । ଖବର ପାଇ ନୟାଗଡ଼ ଅବକାରୀ ବିଭାଗର କର୍ମଚାରୀମାନେ ମାଙ୍କପଲ୍ଲୀଠାରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲେ । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୩୯/୨୪) ରୁଜୁ ହୋଇଛି । ନୟାଗଡ଼ ସଦର ଅବକାରୀ ରେଞ୍ଜର ଆଇଆଇସି ବିଷ୍ଣୁ ଚରଣ ମଲିକଙ୍କ ନେତୃତ୍ୱରେ ୭ଜଣିଆ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ ବୋଲି ଅବକାରୀ ଏସ୍‌ପି କରୁଣା ଶଙ୍କର ତିୱାରୀ ସୂଚନା ଦେଇଛନ୍ତି ।

## ଦର୍ପନାରାୟଣପୁରରେ ଯାଞ୍ଚ ଜୋର୍‌ଦାର

ନୟାଗଡ଼,୨୮।୫(ଲୋକନାଥ ମିଶ୍ର):ରଣପୁର ଥାନାର ଦର୍ପନାରାୟଣପୁର ସମେତ ବିଭିନ୍ନ ଥାନାର ଭିନ୍ନ ଭିନ୍ନ ଅଞ୍ଚଳରେ ଯାଞ୍ଚ ଓ ଧରପଗଡ଼ ଚାଲିଛି । ଯାନବାହାନ ଧରପଗଡ଼ ଜୁନ ୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ମିଳିଛି ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ଖଣ୍ଡପଡ଼ା,୨୮।୫(ଅଜୟ କୁମାର ମହାରଣା)

ସାଂପ୍ରତିକ ପରିସ୍ଥିତିରେ ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନା ନେଇ ଏକ କର୍ମଶାଳା ନୂଆଦିଲ୍ଲୀସ୍ଥିତ ଆଇଆଇସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଫୋରମ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ବହୁ ବୁଦ୍ଧିଜୀବି ଯୋଗଦେଇ ମତାମତ ପ୍ରଦାନ କରିଥିଲେ । ଓଡ଼ିଶାର ବାରିପଦା, ବାଲେଶ୍ୱର ଓ ଭୁବନେଶ୍ୱର ଆଦି ୩ଟି ସହର ଏବେ ଅତ୍ୟଧିକ ଉତ୍ତପ୍ତ ସହର ଭାବେ ଜଣାଶୁଣା । ଦିନରେ ତାପମାତ୍ରା ୪୪ ଡିଗ୍ରୀ ଉର୍ଦ୍ଧ୍ୱରେ ରହୁଥିବାରୁ ଏହା ଜନ ଜୀବନକୁ ବିଶେଷ ଭାବେ ପ୍ରଭାବିତ କରୁଛି । ସମୟାନୁକ୍ରମେ ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ତାପମାତ୍ରା ବୃଦ୍ଧି ପାଉଥିବାରୁ ଏ ନେଇ କର୍ମଶାଳାରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ସେହିପରି ପ୍ରତିବର୍ଷ କାଳବୈଶାଖୀ ପରି ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଓଡ଼ିଶାରେ ତାଣ୍ଡବ ରଚିବା ସହ ବ୍ୟାପକ କ୍ଷୟକ୍ଷତି ଘଟାଇଥାଏ। ତେଣୁ ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନା ସମସ୍ତଙ୍କ ପାଇଁ ଏକ ଆହ୍ୱାନ ହୋଇଥିବାରୁ ଏଥିପ୍ରତି ସମସ୍ତେ ଧ୍ୟାନ ଦେବା ଜରୁରୀ ଅଟେ ବୋଲି ଉକ୍ତ କର୍ମଶାଳାରେ ମତ ପ୍ରକାଶ ପାଇଥିଲା । ଉକ୍ତ କର୍ମଶାଳାରେ ନୂଆଦିଲ୍ଲୀସ୍ଥିତ ବରିଷ୍ଠ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ ସିଦ୍ଧାନ୍ତ ଦାସ, ଗୋକୁଳ ପଟ୍ଟନାୟକ, ଅମରେନ୍ଦ୍ର ଖଟୁଆ, ରବି ପାଣି, ବରିଷ୍ଠ ପ୍ରଶାସନିକ ଅଧିକାରୀ ବୀଣା ଛୋଟରାୟ. ନୂଆଦିଲ୍ଲୀରେ କାର୍ଯ୍ୟରତ ଖଣ୍ଡପଡ଼ା ବ୍ଲକ୍ ଅଧୀନ ବଡବାଣପୁର ପଞ୍ଚାୟତର ପ୍ରଭାସ କୁମାର ପ୍ରଧାନଙ୍କ ସମେତ ଓଡ଼ିଶା ଫୋରମ ସଦସ୍ୟା ସଦସ୍ୟମାନେ କର୍ମଶାଳାରେ ଯୋଗଦେଇ ସମଗ୍ର ଓଡିଶାରେ ବ୍ୟାପକ ଚାରା ରୋପଣ ସହ ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି ହିଁ ଗ୍ଲୋବାଲ ୱାର୍ମିଙ୍ଗରୁ ମାନବ ସମାଜକୁ ସୁରକ୍ଷା ଯୋଗାଇ ଦେବ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରେ ରହୁଥିବା ବହୁ ପ୍ରବାସୀ ଓଡ଼ିଆ ଯୋଗ ଦେଇଥିଲେ ।

# ଡକ୍ୟୁମେଣ୍ଟ ଏଡିଟିଂ କରି ଭତ୍ତା ହାତେଇବାକୁ ପ୍ରୟାସ

## ନୂଆଗାଁ ବ୍ଲକ୍‌ର ବିଭିନ୍ନ ଜନସେବା କେନ୍ଦ୍ରରେ ଅନିୟମିତତା

ନୂଆଗାଁ,୨୮।୫ (ଧନେଶ୍ୱର ସାହୁ):

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଦୁର୍ନୀତି ଶେଷ ସୀମାରେ ପହଞ୍ଚିଲାଣି । ବିଭିନ୍ନ କାର୍ଯ୍ୟାଳୟରୁ ଅସତ୍ ଉପାୟରେ ସରକାରୀ ଅନୁଦାନ ହଡପ ହେଉଥିବା ଅଭିଯୋଗ ହୋଇଆସୁଥିଲା । ଗତ କିଛି ମାସ ହେଲା ମଧ୍ୟସ୍ଥଙ୍କ ସହଯୋଗରେ ଅସତ୍ ଉପାୟରେ ସାମାଜିକ ସୁରକ୍ଷା ବିଭାଗରୁ ଭତ୍ତା ଅନୁଦାନ ହଡପ ହେଉଛି । ନୂଆଗାଁ ବ୍ଲକରେ ଥିବା ଜନ ସେବା କେନ୍ଦ୍ରରେ ଭତ୍ତା ପାଇଁ ଆବଶ୍ୟକ କାଗଜପତ୍ର ଓ ଫଟୋ ଏଡିଟିଂ କରି ଅଯୋଗ୍ୟ ହିତାଧିକାରୀ ମଧ୍ୟ ଭତ୍ତା ପାଇଁ ଆବେଦନ କରୁଥିବା ଅଭିଯୋଗ ହେଉଛି । ନୂଆଗାଁ ବ୍ଲକରେ ସରକାରୀ ଅନୁଦାନକୁ ହାତେଇବା ପାଇଁ ଅସତ୍ ଉପାୟ ଅବଲମ୍ବନ କରାଯାଉଛି । ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ଅନୁଦାନକୁ ହାତେଇବା ପାଇଁ ମଧ୍ୟସ୍ଥମାନଙ୍କ ଜରିଆରେ ଅନେକ ବ୍ୟକ୍ତି ସହାୟତା ପାଇଁ ଆବେଦନ କରନ୍ତି। ପରବର୍ତ୍ତୀ ସମୟରେ ବିଭାଗୀୟ କେତେଜଣ କର୍ମଚାରୀଙ୍କୁ ହାତ କରି ମଧ୍ୟସ୍ଥମାନେ ଅନୁଦାନ ମଞ୍ଜୁର କରିବାରେ ସଫଳ ହେଉଛନ୍ତି। ସେହି ଅନୁଦାନରୁ ଅଳ୍ପ କିଛି ଟଙ୍କା ଆବେଦନକାରୀଙ୍କୁ ଦେଇ ବାକି ଟଙ୍କା ମଧ୍ୟସ୍ଥ ଓ ବିଭାଗୀୟ କର୍ମଚାରୀ ନେଉଥିବା ଅଭିଯୋଗ ହେଉଛି । ସେହିପରି ସୁସ୍ଥ ସବଳ ବ୍ୟକ୍ତି ଜାଲ ଶାରିରୀକ ଅକ୍ଷମ ସାର୍ଟିଫିକେଟ ହାତେଇ ଭିନ୍ନକ୍ଷମ ଭତ୍ତା ହାତେଇଛନ୍ତି । ଜଣେ ସୁସ୍ଥ ସବଳ ବ୍ୟକ୍ତି ୧୦ ହଜାର ଟଙ୍କା ଦେଇ ଭତ୍ତା ପାଇ ପାରୁଛି ବୋଲି ଜଣେ କର୍ମଚାରୀ କହିଛନ୍ତି । ସେହିଭଳି ନୂଆଗାଁ ବ୍ଲକର କେତେକ ଜନସେବା ଓ ମୋ ସେବା କେନ୍ଦ୍ର ୫ ହଜାର ଟଙ୍କା ନେଲେ ବୟସ ହୋଇ ନ ଥିଲେ ବ୍ୟକ୍ତିମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା କରାଇ ଦେଉଥିବା ଅଭିଯୋଗ ହେଉଛି । ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ରରେ ଟଙ୍କା ଦେଲେ ସେମାନେ ଆଧାର କାର୍ଡ , ଭୋଟର କାର୍ଡରେ ବୟସ ବଢାଇବା ସହ ଭତ୍ତା ପାଇବା ପାଇଁ ଆବଶ୍ୟକ କାଗଜପତ୍ର ଏଡିଟିଂ କରି ଆବେଦନ କରୁଛନ୍ତି । ବୟସ ବଢାଇବା ପରେ ସେହି ଅନୁସାରେ ଆପ୍ ଜରିଆରେ ଫଟୋ ଏଡିଟିଂ କରି ରୂପରେ ମଧ୍ୟ ପରିବର୍ତ୍ତନ କରି ଭତ୍ତା ପାଇଁ ଆବେଦନ କରୁଛନ୍ତି । ପରେ ବିଭାଗୀୟ କେତେଜଣ କର୍ମଚାରୀଙ୍କୁ ହାତେଇ ଭତ୍ତା ମଞ୍ଜୁର କରିଦେଉଛନ୍ତି। ଏ ସଂକ୍ରାନ୍ତରେ ନୂଆଗାଁ ସାମାଜିକ ସୁରକ୍ଷା ଅଧିକାରୀ ଜାଣିବା ପରେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଆବେଦନ କରିଥିବା କେତେଜଣ ବ୍ୟକ୍ତିଙ୍କୁ କାର୍ଯ୍ୟାଳୟକୁ ଡାକିବା ପରେ ଏହାର ଗୁମର ଖୋଲିଥିଲା । ତେଣୁ ଆବେଦନକାରୀଙ୍କ ପ୍ରକୃତ କାଗଜପତ୍ର ଓ ଆବେଦନକାରୀଙ୍କୁ ସ୍ୱଚକ୍ଷୁରେ ନ ଦେଖିବା ପର୍ଯ୍ୟନ୍ତ ଭତ୍ତା ଆବେଦନ ପତ୍ର ମଞ୍ଜୁର କରାଯାଉନାହିଁ । ଏପରି କି ଅସତ୍ ଉପାୟରେ ଆବେଦନ ହୋଇଥିବା ଅନେକ ଆବେଦନ ଖାରଜ କରାଯାଇଥିବା ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକା ଜେନା କହିଛନ୍ତି । ତେବେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେଲେ ଅନେକ ଗୁମର ପଦାକୁ ଆସିବା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଥି ସହିତ ଜନସେବା କେନ୍ଦ୍ରର ଅସଲ କାର୍ଯ୍ୟକଳାପ ଧରାପଡିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।

